Weekly Multilingual
# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

Pages- 8 | ODIMUL00867 | Rs - 5.00

ଭାଗ:୧, ସଂଖ୍ୟା: ୪୪, ଭୁବନେଶ୍ୱର, ସେପ୍ଟେମ୍ବର ୧୬-୨୨, ୨୦୨୪, Vol: 1, Issue: 44, Bhubaneswar, September 16-22, 2024

# ବୋତଲ ନୂଆ ମଦ ପୁରୁଣା

**ଜ୍ଞାନ ରଂଜନ ମିଶ୍ର**

ଭୁବନେଶ୍ୱର : ରାଜ୍ୟସାରା ଏବେ ଏହି ଚର୍ଚ୍ଚା। ଓଡ଼ିଶା ରେ ନୂଆ ସରକାର ଗଠନକୁ ଇତି







ମଧ୍ୟରେ ଚାରି ମାସ ବିତିଯାଇଛି। ଓଡିଶାର ରାଜ୍ୟବାସୀ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଦୃଢ଼ ଭରଷା କରି ଚବିଶ ବର୍ଷର ବିଜୁ ଜନତା ଦଳ କୁ କ୍ଷମତାରୁ ହଟାଇ ଓଡ଼ିଶା ରେ ଅପରିପକ୍ୱ ଭାରତୀୟ ଜନତା ପାର୍ଟି କୁ କ୍ଷମତାସୀନ କରାଇ ଅଛନ୍ତି।

ନୂଆ ସରକାର ରେ ଏବେ କିନ୍ତୁ ଘରେ ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା ଭଳି ସ୍ଥିତି ଉପୁଜିଲାଣି। ଏକୁଟିଆ ଶାସନ କରିବାର ବିଶେଷ ଅନୁଭବ ନଥିବାରୁ ନୂଆ ସରକାର ବର୍ତ୍ତମାନ କେବଳ ପୁରୁଣା ସରକାର ଙ୍କ ସବୁ ଯୋଜନା ର ନାମ ବଦଳେଇବା ବ୍ୟତୀତ ସେମିତି କୌଣସି ଗଠନମୂଳକ ନୂଆ ଯୋଜନା ଆରମ୍ଭ କରି ପାରିନାହାଁନ୍ତି। ନା ବଦଳିଥିବା ଯୋଜନା ଗୁଡିକ ସମ୍ବନ୍ଧ ରେ ବିଶେଷ ଆଲୋଚନା ନ କରି ଆମେ ଏହାର





ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ କିଛି ରାଜନୈତିକ ସମୀକ୍ଷକଙ୍କ ମତାମତ ଜାଣିବାକୁ ଚାହିଁଥିଲୁ।ସେମାନଙ୍କ ମତାମତ ଥିଲା ନୂଆ ସରକାର ସିନା ଆସିଛନ୍ତି କିନ୍ତୁ ବିରୋଧୀ ଦଳ ମଜଭୁତ ଅଛନ୍ତି, ଆଉ ଦ୍ୱିତୀୟ ରେ ନିଜେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ତ୍ତମାନ ଆଗରେ ରହି ମୋର୍ଚ୍ଚା ସମ୍ଭାଳିଛନ୍ତି। ତେଣୁ ଯୋଜନା ଗୁଡିକ ହଠାତ୍ ବନ୍ଦ କରି ସାଧାରଣ ଜନତାଙ୍କ ସମାଲୋଚନା ଓ ବିରୋଧର ସମ୍ମୁଖୀନ ହେବାକୁ ନୂଆ ସରକାର ଆଦୌ ଚାହୁଁ ନାହାନ୍ତି। ପ୍ରାୟ ସବୁ ପୁରୁଣା ଯୋଜନା ର ନାମ ବଦଳାଇ ଦେଇଛନ୍ତି ସତ କିନ୍ତୁ ପୁରୁଣା ଯୋଜନା ରେ କେତେ ଅର୍ଥ ବାଟମାରଣା ବା ଅନିୟମିତତା ହେଇଛି ତାର ପର୍ଦ୍ଦାଫାଶ କରାଯାଉଛି। ଏଥି ସହିତ କେତେ ସବୁ ନକଲି ବା ଅଯୋଗ୍ୟ ହିତାଧିକାରୀ ଅଯଥାରେ ଲାଭବାନ ହେଉଛନ୍ତି ତାର ଛାନଭିନ୍ ମଧ୍ୟ ଚାଲିଛି।

ନୂଆ ସରକାର ନିଜର ଫ୍ଲାଗସିପ୍ ଯୋଜନା 'ସୁଭଦ୍ରା'କୁ ବର୍ତ୍ତମାନ ପ୍ରାଧାନ୍ୟ ଦେଇ ତାର ପ୍ରଚାର ଓ ପ୍ରସାର ରେ ଲାଗିପଡ଼ିଥିବା ବେଳେ ବିରୋଧୀଦଳ ଏହି ଯୋଜନାକୁ ତୀବ୍ର ସମାଲୋଚନା କରୁଛନ୍ତି। ମାତ୍ର ଚାରି ମାସର ନୂଆ ସରକାରଙ୍କୁ ଏବେ କୌଣସି ବୁଦ୍ଧିଜୀବୀ କିମ୍ବା ରାଜନୈତିକ ସମୀକ୍ଷକମାନେ ଚବିଶ ବର୍ଷର ସରକାର ସହ ତୁଳନା କରିବାକୁ ଉଚିତ୍ ମନେ କରୁନଥିବା ବେଳେ ଓଡ଼ିଶା ବାସୀ ଚାହିଁ ବସିଛନ୍ତି ଡବଲ ଇଞ୍ଜିନ ସରକାର ରାଜ୍ୟକୁ ଏକ ନମ୍ବର୍ କରିବା ନିମନ୍ତେ ଆଗକୁ କଣ କଣ ଯୋଜନା କରୁଛନ୍ତି ନା ଏମିତି ନୂଆ ବୋତଲ ରେ ପୁରୁଣା ମଦ ଭଳି ଆଭିମୁଖ୍ୟ ଜାରି ରଖୁଛନ୍ତି ଦେଖିବାକୁ ବାକି ରହିଲା।



ବିଶ୍ୱକର୍ମା ପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ



# ସଂ ପା ଦ କୀ ୟ

## ନାଲିପାଣିର ନାଲିଆଖି

ନାଲିପାଣିର ତର୍ଜମା କଲେ ସୁରା ରଙ୍ଗ ଯେ, ନାଲି ସେକଥା ନୁହେଁ । ବିଭିନ୍ନ ରଙ୍ଗର ସୁରା ବି ତ ଉପଲବ୍ଧ । କିନ୍ତୁ ଏହାକୁ ଏହି ନାଲିପାଣି କହିବାର ଅର୍ଥ- ଏହାର ପ୍ରଭାବ ରକ୍ତିମ, ଲାଲ ଲହୁ, ଲାଲ ଶିଖା ପରି । ଏହା ଧ୍ୱଂସ, ହିଂସା ଓ ବିଦ୍ୱେଷ ଓ ଅତ୍ୟାଚାରର ପ୍ରତୀକ । ଶୁଦ୍ଧ ପାଣି ସିନା ରକ୍ତକୁ ଲାଲ କରି ତେଜୀୟାନ କରେ, ହେଲେ ନାଲିପାଣି ସେହି ରକ୍ତକୁ ପାଣିଚିଆ କରିଦିଏ। ଲୁହାକୁ ଲୁହା କାଟିଲା ପରି ଜୀବନ ରକ୍ଷାକାରୀ ରକ୍ତକଣିକାର ଶକ୍ତିକୁ ପ୍ରତିହତ କରେ ଏହି ନାଲିପାଣି । ଏଥକୁ ସାବଧାନ ଜନେ, ନାଲିପାଣି ଜୀବନକୁ ନାଲିଆଖି ଦେଖେଇ ସାରିଛି, ବାକି ଅଛି ସଂପୂର୍ଣ୍ଣ ଧ୍ୱଂସ ପାଇଁ ବାକି ଥିବା ଅଠର ଦିନ ମହାଭାରତ ଯୁଦ୍ଧର ଅଧା ଓଳି । ସୋମରସ, ସୁରା, ମଦ, ମଦ୍ୟ ଇତ୍ୟାଦିକୁ ନାଲିପାଣି ବୋଲି ଆଂଚଳିକ ଭାଷାରେ, ସାଂକେତିକ ଶବ୍ଦରେ ଅଭିହିତ କରାଯାଏ । ଦୁଇଟି ଶୁଦ୍ଧ ଶବ୍ଦ ନାଲି ଓ ପାଣି ମିଶି ଏକାକାର ଏକୋଇ ଶବ୍ଦ ପାଲଟିଲେ ଏକ ଅଦ୍ଭୁତ ଓ ବିଷାକ୍ତ ଶବ୍ଦରେ ପରିଣତ ହୁଏ। ଏହାର ସେବନ ଏବେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପ୍ତ । ଏହା ସାମୟିକ ଜୀବନଚର୍ଯ୍ୟାର ଏକ ବିଳାସପୂର୍ଣ୍ଣ ଅଙ୍ଗ ବୋଲି କେହି କେହି ସୁରା ବିକାଳି କହିଲେଣି । ବାସ୍ତବରେ ସମାଜ ବୃକ୍ଷର ଏହା ଏକ ଉଇଚରା ପ୍ରକ୍ରିୟା । ଆସ୍ତେ ଆସ୍ତେ ଉତେଜନାର ମୂଳ ଓ ମୁଖ୍ୟ କାରଣ ସାଜି ଯେତେ ଯେତେ ଅପରାଧିକ କାର୍ଯ୍ୟ କରିବାକୁ ପ୍ରେରିତ କରୁଛି । କେବଳ ଯେ ମଦ୍ୟ ମାଦକତାର ଏକମାତ୍ର ଉତ୍ସ ତାହା ନୁହେଁ । ଚରସ, ବ୍ରାଉନସୁଗର, ଗଂଜେଇ ପରି ତା'ର ଭାଇ ବନ୍ଧୁକୁଟୁମ୍ବ ବି ମାନବ ସମାଜକୁ ଧ୍ୱଂସ କରିବାରେ ଲାଗିଛନ୍ତି। ହାଣ୍ଡିଆ, ମହୁଲି, ତାଡ଼ି ଇତ୍ୟାଦି ଗାଉଁଲୀ ଓ ଅପେକ୍ଷାକୃତ ଶସ୍ତା କଠିନ ପାନୀୟ ମଧ୍ୟ ଏହାର ପୂର୍ବଜ। ଥରେ ଚିନ୍ତା କରନ୍ତୁ ତ, ଦ୍ୱାପରରେ ଶ୍ରୀକୃଷ୍ଣ ଯେତେବେଳେ ନିଜ ଯାଦବ କୁଳ ଧ୍ୱଂସ କରିବାକୁ ଚାହିଁଲେ, ସେତେବେଳେ ସୋମରସର ସାହାରା ହିଁ ନେଇଥିଲେ । କୋକୁଆର ଭୟ ଦେଖାଇ ସମସ୍ତଙ୍କୁ ତା' ବିରୁଦ୍ଧରେ ସଂଗ୍ରାମ କରିବାକୁ ସୋମରସ ଏକମାତ୍ର ଶକ୍ତିବର୍ଦ୍ଧକ ବୋଲି ବିଶ୍ୱାସ କରି ଶେଷରେ ଚିନ୍ତା ଚୈତନ୍ୟ, ବିବେକଶୂନ୍ୟ ହୋଇଥିଲେ ଯାଦବ କୁଳ ଏହାର ପ୍ରଭାବରେ। ନିଜ ନିଜ ଭିତରେ ଯୁଦ୍ଧ କରି ସେବନରୁ ଶବ ହୋଇଥିଲେ। ଇତିହାସର ପୁନରାବୃତି, ପୁରାଣର ପୁନରାବୃତି ହେଉନାହିଁ ତ କଳିଯୁଗର ଶେଷ ଫର୍ଦ୍ଦରେ ମାନବ ସମାଜରୂପକ ଯାଦବ କୁଳ ଶେଷ ହେବାକୁ ବସିନାହିଁ ତ କାଳ ବୋଇଲେ ଇଏ କାଳକୂଟ ବିଷ ସଦୃଶ ମଦ୍ୟ ନିଶ୍ଚୟ ନିଃଶେଷ କରିଦବାର ପ୍ରକ୍ରିୟା ବ୍ୟସ୍ତ। କେତେ ସାମଞ୍ଜସ୍ୟ ଦେଖନ୍ତୁ ତ । ଦ୍ୱାରକାପୁରୀର ବୈଭବରେ ମସଗୁଲ ଯାଦବ କୁଳ ପରି ଆଜିର ଚାକଚକ୍ୟର ଅତ୍ୟାଧୁନିକ ସମାଜ ସେହି ଧ୍ୱଂସପଥର ଯାତ୍ରୀ ନୁହଁନ୍ତି ତ ନଦେଖିଲା କଥା ଦେଖିବାକୁ ହେଉଛି, ନଶୁଣିଲା କଥା ଶୁଣାଯାଉଚି। ପାର୍ଟି ପିକନିକ୍, ଭୋଜି ଆଉ ମଉଜ ମଜଲିସ ନାଆଁରେ ଲୁଚାଚୋରା ନୁହେଁ, ଖୁଲମଖୁଲା ମଦ ପରଷା, ବିତରଣ ଓ ସେବନ ନିଶ୍ଚୟ ବିବେକଶୂନ୍ୟ କରୁଛି ସମାଜକୁ । ଫଳତଃ ନାରୀଧର୍ଷଣ, ହତ୍ୟା, ଆକ୍ରମଣ-ପ୍ରତ୍ୟାକ୍ରମଣ, ସାମାନ୍ୟ କଥାରୁ ବଚସା, ଝିମିଟି ଖେଳରୁ ମହାଭାରତ ପରି ଅଘଟଣ ଘଟୁଛି। ପୁଣି ଦୁର୍ଘଟଣା ଠାରୁ ଦୁଷ୍କର୍ମ ପର୍ଯ୍ୟନ୍ତ ଯେତେଯେତେ ବିବେକଶୂନ୍ୟ, ଅମାନୁଷିକ ଘଟଣା ସଂଘଟିତ ହେଉଛି, ଏହାର ମୂଳ କାରଣ ଏହି ମଦ୍ୟ। କାରଣ ଏମିତିରେ ସୁସ୍ଥ ମଣିଷ ସାଧାରଣ ଅବସ୍ଥାରେ ହିଂସାତ୍ମକ କାର୍ଯ୍ୟ କରିବାକୁ ବିଶେଷ ଇଚ୍ଛା କରେନାହିଁ। ଯେତେ କ୍ରୁର ସ୍ୱଭାବର ମଣିଷ ହେଇଥାଉନା କାହିଁକି, ସୁସ୍ଥ ଅବସ୍ଥାରେ ହତ୍ୟା, ଧର୍ଷଣ ପରି ନୃଶଂସ କାର୍ଯ୍ୟ କରିବାକୁ ପଛାଇଥାଏ। ତା'ର ମସ୍ତିଷ୍କକୁ ଅସୁସ୍ଥ ନକଲେ ଯେ ଏସବୁ କରିପାରିବ ନାହିଁ, ଏକଥା ଭଲଭାବରେ ଜାଣେ ଧ୍ୱଂସଲୀଳା ଘଟାଇବାକୁ ଇଚ୍ଛୁକ ପରଦା ପଛର ଖଳନାୟକ। ଏଥକୁ ଏହି ବିଷାକ୍ତ ଜହରର ଏତେ ଆଦର କାହିଁକି ? କାହିଁକି ଏତେ ସରକାରୀ ପ୍ରୋତ୍ସାହନ କାହିଁକି ଏହାର କରୋନା ଭୂତାଣୁ ପରି ସଂକ୍ରମଣ କଥା ହେଉଛି, ଶାସକଙ୍କର ଟିକସ ଆଦାୟ। ଜମି ବିକ, ବାଡ଼ି ବିକ, ଚୋରି କର, ଡକାୟତି କର, ହେଲେ ମଦ କିଣ ଆଉ ଟିକସ ଦିଅ। ଡାଆଣୀ ହୋଇ ଲାଗିବା, ପୁଣି ଗୁଣିଆ ହୋଇ ଝାଡ଼ିବା କ'ଣ ଶାସକମାନଙ୍କର ଏକମାତ୍ର ଶକୁନିର ପଶାଖେଳ। ସତରେ ଶାସକ ପ୍ରଭୁ କୃଷ୍ଣଙ୍କର ଭକ୍ତ। ମିଛରେ ଆମେ ଶକୁନିକୁ ଦୋଷ ଦେଉ ମହାଭାରତ ଯୁଦ୍ଧର ମୁଖ୍ୟ ଖଳନାୟକ ବୋଲି। ଆମେ କିନ୍ତୁ ଜାଣୁ ପୋଥି ପୁରାଣରୁ ଯେ, ଶକୁନିର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୁରୁବଂଶକୁ ଧ୍ୱଂସ କରିବା। ଗାନ୍ଧାରୀ ବିବାହର ପ୍ରତିଶୋଧ ଏବଂ ତା' ବଂଶ ପ୍ରତି ହୋଇଥିବା ଅନ୍ୟାୟ, ଅବିଚାର ତଥା ଜଣେ ବଂଚିବାର ଖାଦ୍ୟ ଉପଲବ୍ଧି ପାଇଁ। ଅତଏବ ସେ ତ କୃଷ୍ଣଙ୍କର ଅଧର୍ମ ଉପରେ ଧର୍ମ ସଂସ୍ଥାପନ କରିବାରେ ସାହାଯ୍ୟ ହିଁ କରିଛି, ଏପରିକି ନିଜର ଜୀବନକୁ ବଳି ଦେଇ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସାହିତ୍ୟ ସୃଷ୍ଟି ପ୍ରବୃତିନିହିତ ବ୍ରତ ହେଉ

ଡ. ଛାୟାକାନ୍ତ ଷଡଙ୍ଗୀ

ପ୍ରାବନ୍ଧିକ ଚିତରଂଜନ ଦାସଙ୍କ ଭାଷାରେ- ସାହିତ୍ୟ ହେଉଛି ବସ୍ତୁତଃ ଏକ ବ୍ରତ । ସାହିତ୍ୟ କେତେ ମଣିଷକୁ ଯୁଗେ ଯୁଗେ ବୃତିର ଜଗତରେ କେତେ ପ୍ରକାରେ ନିଃସ୍ୱ ଏବଂ ନିଃଦ୍ରବ୍ୟ କରି ରଖିଛି, କେତେ ସିଂହାସନଚାରୀଙ୍କ ଦୃଷ୍ଟିରୁ ଦୂରରେ ରଖିଛି, କେତେ ସଫଳତା ତଥା ସ୍ୱୀକୃତିର ଦ୍ୱାରରୁ ସେମାନଙ୍କୁ ଦୂରେଇ ରଖିଛି । ସାହିତ୍ୟିକ ତଥାପି ବଞ୍ଚିଛି । ବାହାରକୁ ନିଃସ୍ୱ ହୋଇ ରହିଥିଲେ ମଧ୍ୟ ସେ ଆପଣାର ଧନରେ ତଥାପି ଧନୀ ହୋଇ ରହିଛି । ଏହା ସମ୍ଭବ ହୋଇଛି, ଯେତେବେଳେ ସାହିତ୍ୟିକ ନିଜ ସୃଜନଶୀଳ ପ୍ରବୃତିକୁ ବୃତି ଭାବରେ ଗ୍ରହଣ କରି ତାକୁ ବ୍ରତରେ ପରିଣତ କରିଛି । ବୈଦିକ ଯୁଗରେ ପ୍ରବୃତି ଅନୁସାରେ ବୃତି ସ୍ଥିର ହୋଇ ବୃତି ଅନୁଯାୟୀ ଚତୁଃବର୍ଣ୍ଣ ନିର୍ଦ୍ଧାରିତ ହେଉଥିଲା । ଯେଉଁମାନେ ଯଜ୍ଞାଦି କର୍ମ, ଈଶ୍ୱର ଉପାସନା, ଅଧ୍ୟୟନ ଓ ଅଧ୍ୟାପନାଦି କର୍ମ କରୁଥିଲେ ସେମାନଙ୍କୁ ବ୍ରାହ୍ମଣ କୁହାଗଲା। ଯେଉଁମାନେ ଶୌର୍ଯ୍ୟ, ତେଜ ଓ ଧୈର୍ଯ୍ୟର ଅଧିକାରୀ ହୋଇ ପ୍ରଜାମାନଙ୍କୁ ରକ୍ଷା କରୁଥିଲେ ସେମାନଙ୍କୁ କ୍ଷତ୍ରୀୟ କୁହାଗଲା। କୃଷି, ଗୋପାଳନ ଓ ବାଣିଜ୍ୟ କର୍ମ କରୁଥିବା ଲୋକଙ୍କୁ ବୈଶ୍ୟ କୁହାଯାଇ ଅନ୍ୟମାନଙ୍କ ସେବା କରୁଥିବା ଲୋକଙ୍କୁ ଶୂଦ୍ର ଭାବରେ ନାମିତ କରାଗଲା । ମାତ୍ର କ୍ରମେ ବର୍ଣ୍ଣକୁ କୁହାଗଲା ଜାତି ଓ ବୃତି ଅନୁସାରେ ଜାତି ନିର୍ଦ୍ଧାରିତ ନହୋଇ ଜନ୍ମ ଅନୁସାରେ ଜାତି ନିର୍ଦ୍ଧାରିତ ହେଲା । ଏଯାବତ୍ ? ଏହି ପ୍ରଥା ଚାଲିଛି । ଜଣେ ବ୍ରାହ୍ମଣ ଘରେ ଜନ୍ମ ହେଲେ ବ୍ରାହ୍ମଣ ଓ କ୍ଷତ୍ରୀୟ ଘରେ ଜନ୍ମ ହେଲେ କ୍ଷତ୍ରୀୟ ଭାବରେ ଚିହ୍ନିତ ହେଉଛି । ପୁନଶ୍ଚ ଯଦିଓ ଜାତି ରହିଲା, ବୃତି ସହ ଏହାର କୌଣସି ସଂପର୍କ ରହିଲାନାହିଁ । କୁଟୁମ୍ବ ପୋଷିବା ପାଇଁ ଯିଏ ଯେଉଁ ବୃତିକୁ ଚାହିଁଲା ତାକୁ ଅବଲମ୍ବନ କଲା । ଅନେକେ ପରିସ୍ଥିତି ଚାପରେ ନିଜର ପ୍ରବୃତି ଅନୁସାରେ ବୃତି ଅନୁସରଣ ନକରି ପ୍ରବୃତିବିରୋଧୀ ଯେକୌଣସି ଅର୍ଥକରୀ ବୃତିକୁ ଗ୍ରହଣ କରିନେଲେ। ଫଳରେ ସେମାନେ ବୃତିକୁ ଯାନ୍ତ୍ରିକ ଭାବରେ ଅନୁସରଣ କଲେ ସିନା, ତାକୁ ବ୍ରତରେ ରୂପାନ୍ତରିତ କରିପାରିଲେ ନାହିଁ । ଜୀବନକୁ ପୂର୍ଣ୍ଣତା ଦେବାପାଇଁ ଜୀବନରେ ବୃତି ଯେପରି ଦରକାର, ବ୍ରତ ମଧ୍ୟ ସେପରି ଦରକାର । ବିଶିଷ୍ଟ ଚିନ୍ତାନାୟକ ଚିତରଂଜନ ଦାସଙ୍କ ମତରେ, ବ୍ରତ ନଥିଲେ ବୃତିଗୁଡ଼ାକ ଆମକୁ ପ୍ରାୟ ସକଳ କ୍ଷେତ୍ରରେ ଗୋଟିଏ ଗୋଟିଏ ଭୃତ୍ୟରେ ହିଁ ପରିଣତ କରି ରଖିଥାନ୍ତି ଏବଂ ବ୍ରତକୁ ବୃତି କରି ଗ୍ରହଣ କରିନଥିଲେ ଆମ ବ୍ରତଗୁଡ଼ାକ ସତେଅବା ଅନେକତଃ ଗୋଟାଏ ଗୋଟାଏ ତୁଚ୍ଛା ଭାବପ୍ରବଣତାରେ ପରିଣତ ହୋଇଯାନ୍ତି। କୁମ୍ଭାରହାଣ୍ଡି ଗଢ଼େ । ଏହା ତାର ବୃତି । ମାତ୍ର ସେ ଯଦି ଏହି କର୍ମକୁ ବ୍ରତ ଭାବରେ ଗ୍ରହଣ ନକରେ ସେ ଜଣେ ଭଲ କୁମ୍ଭାର ହୋଇପାରିବ ନାହିଁ । ଯେଉଁ କାରିଗରମାନେ ପଥର ହେଉ ବା ମାଟି ହେଉ ନିଜ ବୃତିରେ ମୂର୍ତି ଗଢ଼ନ୍ତି ଓ ଲୋକଙ୍କୁ ମୁଗ୍ଧ କରନ୍ତି ସେମାନେ ତାଙ୍କ ବୃତିକୁ ବ୍ରତ ଭାବରେ ଗ୍ରହଣ କରିଥାନ୍ତି ବୋଲି ସିଦ୍ଧିଲାଭ କରିଥାନ୍ତି। ଠିକ୍ ସେପରି ତନ୍ତୀମାନେ ଆକର୍ଷଣୀୟ ଲୁଗା ବୁଣନ୍ତି । ଏହା ତାଙ୍କ ବୃତିର ବାହାଦୁରୀ ନୁହେଁ, ବ୍ରତର ବାହାଦୁରୀ ।

ସାହିତ୍ୟକୁ ସାହିତ୍ୟିକର ବୃତି କହିବା ନା ବ୍ରତ- ଏହା ଏକ ବଡ଼ ପ୍ରଶ୍ନ । ଗଙ୍ଗାଧର ମେହେର ତନ୍ତୀ ଥିଲେ ଓ କବି ଥିଲେ । ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ତନ୍ତ ଚର୍ଚ୍ଚା ଓ ଗ୍ରନ୍ଥ ଚର୍ଚ୍ଚା ଏକସମୟରେ ସମାହିତ କରୁଥିଲେ । ସେ ତନ୍ତ ଚାଳନା କଲାବେଳେ ସଂସ୍କୃତ ଓ ଓଡ଼ିଆ କାବ୍ୟମାନଙ୍କରୁ କଣ୍ଠସ୍ଥ ଲଳିତ ପଦମାନ ଆବୃତି କରି ବଡ଼ ଆମୋଦ ଅନୁଭବ କରୁଥିଲେ । ସେ ଆପଣାର ବୃତି ଓ ବ୍ରତ ଭିତରେ ଦୁଇଖଣ୍ଡରେ ବିଭକ୍ତ ହୋଇ ରହିନଥିଲେ । ଅବଶ୍ୟ ପରବର୍ତୀ ସମୟରେ ସେ ବୃତି ପରିବର୍ତନ କରି ଜମିଦାର ନୃପରାଜ ସିଂହଙ୍କ ପାଖରେ ଅମୀନ ଭାବରେ ଯୋଗଦେଇ ତାଙ୍କ କାର୍ଯ୍ୟକୁ ନିଷ୍ଠା ସହ ସଂପାଦନ କରିଥିଲେ । ସାହିତ୍ୟକୁ ବତି କରି ସଂସାରରେ କେହି ଜନ୍ମ ହୁଏନାହିଁ । ସାହିତ୍ୟିକର ପୁଅ ଯେ ସାହିତ୍ୟିକ ହେବ କେହି ଦୃଢ଼ ଭାବରେ କହିପାରିବ ନାହିଁ । ସାହିତ୍ୟ ହେଉ ବା ଯେକୌଣସି କଳା ହେଉ, ତାକୁ ବ୍ରତ ଭାବରେ ଗ୍ରହଣ କରିବାକୁ ହୁଏ । ସାହିତ୍ୟ ଲାଗି ସାହିତ୍ୟିକ ବଂଚେ ଓ କଳା ପାଇଁ କଳାକାର ବଂଚେ। ବୃତିର ଜଗତରେ ସେ ନିଃସ୍ୱ ହୋଇଯାଇପାରେ, ତଥାପି ସେ ଆପଣାର ଧନରେ ଧନୀ ହୋଇ ରହେ। ଲିଓନାର୍ଡୋ ଦା ଭିନ୍‌ସି ମୋନାଲିସାଙ୍କ ଚିତ୍ର ଆଙ୍କିବାରେ ମଜ୍ଜି ରହିଥାନ୍ତି। କିମ୍ବଦନ୍ତୀ କହେ- ସେହି ଭଦ୍ର ମହିଳା ପ୍ରତିଦିନ ଆସି ଶିଳ୍ପୀଙ୍କ ପାଖରେ ବସୁଥିଲେ । ସେ ଯେପରି ତାଙ୍କ ମୃଦୁ ହସରୁ ବିରତ ନହେବେ ସେଥିପାଇଁ ପଟ୍ଟଭୂମିରେ ମଧୁର ସଂଗୀତ ବାଦନର ବ୍ୟବସ୍ଥା କରାଯାଇଥିଲା। ମହିଳାଙ୍କ ମୁହଁ ବିରସ ଦେଖାଗଲେ ହାସ୍ୟକର ଭଙ୍ଗୀ ଫେରାଇଆଣିବା ପାଇଁ ବିଦୂଷକମାନେ ନିଯୁକ୍ତ ହୋଇଥିଲେ। ଶିଳ୍ପୀଙ୍କର ସେହି ମୋନାଲିସା ଛବିଟି ଅସଂପୂର୍ଣ୍ଣ ଥିବାବେଳେ ହଠାତ୍ ଦିନେ ପହଂଚିଲେ ରାଜା ଫ୍ରାନ୍‌ସିସ୍। ସେତେବେଳକୁ ମୋନାଲିସାଙ୍କ ମୃତ୍ୟୁ ହୋଇସାରିଥିଲା। ମୋନାଲିସାଙ୍କ ଲାସ୍ୟମୟୀ ଓ ହାସ୍ୟମୟୀ ଚିତ୍ରକୁ ଦେଖି ରାଜା ଅଭିଭୂତ ହୋଇଗଲେ। ସେ ଛବିଟିକୁ କିଣିନେବା ପାଇଁ ଚାହିଁଲେ ଓ ଚାରି ହଜାର କ୍ରାଉନ ମୂଲ୍ୟ ଯାଚିଲେ। କୌଣସି ମୂଲ୍ୟର ବିନିମୟରେ ମଧ୍ୟ ସେ ତାକୁ ହାତଛଡ଼ା କରିବାକୁ ଚାହୁଁନଥାନ୍ତି। ମାତ୍ର ଭୟରେ ସେ ରାଜାଙ୍କୁ କିଛି କହିନପାରି ନିରବ ରହିଲେ। ପରଦିନ ରାଜକର୍ମଚାରୀ ସେହି ଛବିଟିକୁ ସେଠାରୁ ନେଇଯିବେ କହି ରାଜା ଚାଲିଗଲେ। ମାତ୍ର ଲିଓନାର୍ଡୋଙ୍କୁ ସାରା ରାତି ନିଦ ହେଲାନାହିଁ। ରାତି ଅଧରେ ସେ ରାଜଦରବାରକୁ ଆସି ରାଜାଙ୍କୁ ସାକ୍ଷାତ କଲେ। ସେ ତାଙ୍କୁ କାତର ଭାବରେ କହିଲେ- ମହାରାଜ! ସେହି ଛବି ବିନା ମୁଁ ବଂଚିପାରିବି ନାହିଁ। ମୁଁ ମରିବା ପର୍ଯ୍ୟନ୍ତ ଛବିଟି ମୋ ପାଖରେ ଥାଉ । ମୋର ଏତିକି ଅନୁରୋଧ। ପାଖରେ ଛିଡ଼ା ହୋଇଥିବା ରାଜାଙ୍କ ଭଉଣୀ କହିଲେ- ମହାରାଜ! ସେ ଏବେ ବି ମୋନାଲିସାଙ୍କୁ ଭଲ ପାଉଛନ୍ତି । ତାଙ୍କ ଅନୁରୋଧ ଦୟାକରି ରକ୍ଷା କରନ୍ତୁ। ରାଜା କହିଲେ- କିନ୍ତୁ ମୋନାଲିସାଙ୍କର ତ କେବେଠୁ ମୃତ୍ୟୁ ହୋଇସାରିଲାଣି। ଭଉଣୀ କହିଲେ- ଜଣେ ମରିଗଲା ପରେ ମଧ୍ୟ ଲୋକେ କ'ଣ ତାକୁ ଭଲ ପାଉନାହାଁନ୍ତି ଶିଳ୍ପୀଙ୍କ ସ୍ମୃତି ତାଙ୍କରି ପାଖରେ ରହୁ। ଉଦାର ରାଜା ବୁଝିଲେ ଓ ଶିଳ୍ପୀଙ୍କ ଅନୁରୋଧ ରକ୍ଷା କଲେ। ଶିଳ୍ପୀ ଲିଓନାର୍ଡୋଙ୍କ ବୃତି ଥିଲା ଚିତ୍ର ଆଙ୍କିବା । ମାତ୍ର ସେ ତାଙ୍କ ବୃତିକୁ ବ୍ରତରେ ପରିଣତ କରିଦେଇଥିଲେ। ସେଥିପାଇଁ ତ ମୋନାଲିସା ଛବିଟି ସେତେବେଳେ ସର୍ବଶ୍ରେଷ୍ଠ ଛବି ଭାବରେ ସ୍ୱୀକୃତି ପାଇଥିଲା। ବୃତି ଅନୁସାରେ ଚିତ୍ର ଆଙ୍କି ସେ ଚିତ୍ରକୁ ଏକ ପଣ୍ୟଦ୍ରବ୍ୟ ଭାବରେ ଦେଖିନଥିଲେ। ତାଙ୍କ ସଂସାର ଥିଲା ଅନ୍ତରଙ୍ଗ ହେବାର ସଂସାର, ଶ୍ରଦ୍ଧାର ସଂସାର। ତାଙ୍କ ବୃତି ଥିଲା ଏକ ବ୍ରତ। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ, ବୃତି ପ୍ରବୃତିଜନିତ ନହେଲେ ତାହା ବ୍ରତରେ ପରିଣତ ହୋଇପାରେ ନାହିଁ । ଆର୍ଥର କେନନ୍ ଯେଲ ଏଡିନବର୍ଗ ମେଡିକାଲ କଲେଜରୁ ଡାକ୍ତରୀ ପାସ୍ କଲେ ଓ ଚିକିତ୍ସା ଆରମ୍ଭ କଲେ। ମାତ୍ର ସେ ବୃତିରେ ବେଶୀଦିନ ରହିପାରିଲେ ନାହିଁ । କାରଣ ତାହା ତାଙ୍କର ପ୍ରବୃତି ନଥିଲା। ତାଙ୍କର ଥିଲା ସୃଜନଶୀଳ ପ୍ରତିଭା। ଲେଖିଲେ ଅନେକ ଉପନ୍ୟାସ ଓ କାହାଣୀ। ତାଙ୍କର ଗୋଇନ୍ଦା ଉପନ୍ୟାସରେ ସେରଲକ୍ ହୋମସ ଏକ ବହୁଜନାଦୃତ ଚରିତ୍ର । ସେ ସ୍ୱୀକୃତ ହେଲେ ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ। ସମରସେଟ୍ ମମ୍ ଥିଲେ ଆଉ ଜଣେ ଡାକ୍ତର । ସେ ଶେଷ ବର୍ଷର ଡାକ୍ତରୀ ଛାତ୍ର ଥିବାବେଳେ ଲେଖିଲେ 'ଲିଜା ଅଫ୍ ଲ୍ୟାମବେଥ୍'। ଏହି ପ୍ରଥମ ଉପନ୍ୟାସର ଅପୂର୍ବ ସଫଳତା ପରେ ସେ ଡାକ୍ତରୀ ବୃତି ଛାଡ଼ିଦେଲେ । ଷ୍ଟେଥୋସ୍କୋପ୍ ?କୁ ଅବସର ଦେଇ ଧରିଲେ କଲମ। ସୃଷ୍ଟି ହେଲା 'ଏ ମ୍ୟାନ୍ ଅଫ୍ ଅନର, ଅଫ୍ ହ୍ୟୁମେନ୍ ବଣ୍ଡେଜ, ଲେଡି ଫ୍ରେଡେରିକ ଓ ଅନେକ ଉଲ୍ଲେଖନୀୟ କୃତି। ଆଉ ଜଣେ ଡାକ୍ତର ହେଲେ ଜୋସେଫ କ୍ରୋନିନ୍। ଗ୍ଲାସଗୋ ବିଶ୍ୱବିଦ୍ୟାଳୟରୁ ଚିକିତ୍ସା ବିଜ୍ଞାନରେ ସର୍ବୋଚ୍ଚ ଡିଗ୍ରୀ ଲାଭ କରି ମଧ୍ୟ ସେ ଚିକିତ୍ସାକୁ ବୃତି ଭାବରେ ବେଶୀଦିନ ଅନୁସରଣ କରିପାରିଲେ ନାହିଁ । କାରଣ ତାଙ୍କର ପ୍ରବୃତି ଥିଲା ଭିନ୍ନ । ତାଙ୍କର ସୃଜନଶୀଳ ପ୍ରତିଭା ସ୍ୱତଃପ୍ରବୃତି ଭାବରେ ଆତ୍ମପ୍ରକାଶ କଲା ତାଙ୍କର ଉପନ୍ୟାସଗୁଡ଼ିକରେ ଯଥା- ଦି ଗ୍ରୀନ୍ ୟର୍ସ, ଦି ଜୁଦାଶ ଟ୍ରି, ହ୍ୟାଟାରସ କ୍ୟାସଲ, ଇତ୍ୟାଦି । ତାଙ୍କ ପ୍ରବୃତିକୁ ସେ ବ୍ରତରେ ପରିଣତ କରି ଚିକିତ୍ସା ବୃତିରୁ ଦୂରେଇଗଲେ। ଅତୀତରେ ଅନେକ ପଣ୍ଡିତ କାବ୍ୟ କବିତା ଲେଖି ରାଜାଙ୍କ ପାଖରୁ ଅର୍ଥ, ପୁରସ୍କାର ଓ ଉପାଧି ଗ୍ରହଣ କରୁଥିଲେ ।





## ମନ୍ଦିର ମାଳିନୀ : ଭାଗ-୧

ପ୍ରଭୁ ଲିଙ୍ଗରାଜଙ୍କ ର ପିତା ମାତା ମହାକାଳ ମହାକାଳୀ ଙ୍କୁ ଦର୍ଶନ ମାତ୍ରେ ଆପଣଙ୍କ ଦୁଃଖ ନିଶ୍ଚୟ ଦୂର ହେବ ବୋଲି ଶ୍ରଦ୍ଧାଳୁ ଭକ୍ତମାନେ ବିଶ୍ୱାସ କରନ୍ତି। ଲିଙ୍ଗରାଜ ମନ୍ଦିର ନିକଟରେ ଏଗାର ଶହ ଶତାବ୍ଦୀରେ ନିର୍ମିତ ଏହି ଖୋଲା ଆକାଶ ତଳର ମନ୍ଦିର, ଭୂମି ଠାରୁ ଚାରି ମିଟର ତଳେ ବିରାଜମାନ କରିଛନ୍ତି ମହାକାଳ ଓ ମହାକାଳୀ। ହାଟସାହି କୁ ଯିବା ରାସ୍ତା ମୁଣ୍ଡରେ ଏହି ଐତିହାସିକ ମନ୍ଦିରଟି ଅବସ୍ଥିତ।

ଜ୍ଞାନ ରଞ୍ଜନ ମିଶ୍ର

# ମାଲକାନଗିରି ଜିଲ୍ଲା ବର୍ଷା ଜନିତ କ୍ଷୟକ୍ଷତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## କ୍ଷୟକ୍ଷତିର ସହାୟତା ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ

ଭୁବନେଶ୍ୱର, : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାଲକାନଗିରି ଜିଲ୍ଲା ଗସ୍ତ କରି ଲଗାଣ ବର୍ଷା ଜନିତ କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରି ସାତ ଦିନ ମଧ୍ୟରେ ସମସ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରେ ପ୍ରଭାବିତ ଅଂଚଳ ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭାଙ୍ଗି ଯାଇଥିବା ସମସ୍ତ କଚ୍ଚା ଘର ନିମନ୍ତେ ତୁରନ୍ତ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ବିଜୁଳି ସଂଯୋଗୀକରଣ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ସଂପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ମଧ୍ୟ ପ୍ରଭାବିତ ବ୍ୟକ୍ତି ସରକାରୀ ସହାୟତା ପାଇବାରୁ ଯେପରି




ବଂଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବାକୁ ଜିଲ୍ଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରବଳ ବର୍ଷା ଯୋଗୁଁ ଜଳ ଜନିତ ରୋଗର ସମ୍ଭାବନାକୁ ରୋକିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ବ୍ୟାପକ ପୂର୍ବ ପ୍ରସ୍ତୁତି ଯୋଗୁଁ ଜିରୋ କାଜୁଆଲିଟି ସମ୍ଭବ ହୋଇପାରିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତିଦିନ ପାଣିପାଗ ବିଭାଗଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ସତର୍କ ସୂଚନା ସଂପୃକ୍ତ ଜିଲ୍ଲାମାନଙ୍କୁ ନିରନ୍ତର ଭାବେ ପ୍ରେରଣ କରାଯାଉଥିଲା । ଏଥିସହିତ ରାଜ୍ୟ ଆପଦକାଳୀନ ପରିଚାଳନା କେନ୍ଦ୍ରରୁ ୨୪ ଘଂଟିଆ ଭାବେ ପରିସ୍ଥିତି ଉପରେ ନଜର ରଖାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହିପରି ଜରୁରୀ ସମୟରେ ଓଡରାଫ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସେବା ପ୍ରଶଂସନୀୟ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ମତବ୍ୟକ୍ତ କରିଥିଲେ। ଓଡ଼ିଶା ରିଲିଫ୍ କୋଡ ଅନୁଯାୟୀ ସମସ୍ତ କ୍ଷୟକ୍ଷତିର ଆକଳନ କରାଯାଇ ପର୍ଯ୍ୟାପ୍ତ ସହଯୋଗ ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ଦେଓ ରଞ୍ଜନ ସିଂ, ଦକ୍ଷିଣାଂଚଳ ଡିଆଇଜି ଚରଣ ସିଂ ମୀନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ଜିଲ୍ଲାପାଳ ପ୍ରବଳ ବର୍ଷାକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ନେଇ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ। ସୂଚନା ଥାଉ କି ଭାରତ ପାଣିପାଗ ବିଭାଗ, ଭୁବନେଶ୍ୱର ଠାରୁ ପ୍ରାପ୍ତ ସୂଚନା ମୁତାବକ ସେପ୍ଟେମ୍ବର ୫ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା । ଏହା କ୍ରମେ ଘନୀଭୂତ ହୋଇ ୮ ତାରିଖରେ ଗଭୀର ଅବପାତରେ ପରିଣତ ହୋଇଥିଲା । ଏହାର ପ୍ରଭାବରେ ୯ ଏବଂ ୧୦ ତାରିଖରେ ମାଲକାନାଗିରି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହୋଇଥିଲା ।

# ରେଭେନ୍ସାର ନାମ ପରିବର୍ତ୍ତନ ହେବା ଆବଶ୍ୟକ : ଭର୍ତ୍ତୃହରି ମହତାବ

କଟକ, : ରେଭେନ୍ସା ଶିକ୍ଷାନୁଷ୍ଠାନର ନାମ ପରିବର୍ତନ ଆବଶ୍ୟକ ବୋଲି ପୁଣି ଥରେ କହିଛନ୍ତି କଟକ ସାଂସଦ ଭର୍ତୃହରି ମହତାବ । ନଅଙ୍କ ଦୁର୍ଭିକ୍ଷ ଓ ଥୋମାସ ରେଭେନ୍ସାଙ୍କ ଭୂମିକା ସମ୍ପର୍କରେ ଭୁବନେଶ୍ୱରର ସ୍ୱାଧୀନତା ସଂଗ୍ରାମୀ ସଦନ ଠାରେ ଆୟୋଜିତ ହୋଇଥିବା ଏକ ଆଲୋଚନା ଚକ୍ରରେ ଯୋଗ ଦେଇ ଶ୍ରୀ ମହତାବ ଏହା କହିଛନ୍ତି । ସେ କହିଛନ୍ତି ଯେ, ନାମ ପରିବର୍ତନ ପାଇଁ ମୁଁ ଏବେ ନୁହେଁ ୧୯୭୭ ମସିହାରୁ କୁହା ହୋଇ ଆସୁଛି. । ୮୦ ମସିହାରେ ମଧ୍ୟ ଏନେଇ ମୁଁ ଲେଖା ଲେଖିଛି । ଦେଶ ସ୍ୱାଧୀନ ହେବାରେ ୭୭ ବର୍ଷ ହୋଇଗଲାଣି । ରେଭେନ୍ସାର ନାମ ପରିବର୍ତନ କରିବା ଏବେର ନୁହେଁ ବହୁ ଦିନର ଦାବୀ । ସେ କହିଛନ୍ତି ଯେ, ୧୯୪୯ ମସିହାରେ ବୃହତ୍ତର ଓଡିଶା ଗଠନ ହୋଇଥିଲା । ମୟୂରଭଞ୍ଜ ଓଡ଼ିଶାରେ ମିଶିଥିଲା । ଏହାପରେ ଓଡିଶା ବିଧାନସଭାରେ ନାମ ପରିବର୍ତନ ପାଇଁ ଚର୍ଚ୍ଚା ହୋଇଛି । ସେତେବେଳେ ଶିକ୍ଷା ମନ୍ତ୍ରୀ ରଘୁନାଥ ମିଶ୍ର ଥିଲେ । ବିଭିନ୍ନ ସମୟରେ ଛାତ୍ରମାନେ ନାମ ପରିବର୍ତନ ନେଇ



ଆନ୍ଦୋଳନ ହୋଇଛି । ତାଙ୍କୁ ରାଜନେତାମାନେ ମଧ୍ୟ ସମର୍ଥନ ଦେଇଛନ୍ତି । ଅନୁରୂପ ଭାବରେ ଏବେ କେନ୍ଦ୍ରମନ୍ତ୍ରୀ ଏହି ପ୍ରସଙ୍ଗରେ ଚର୍ଚ୍ଚା କରିବାକୁ କହିଲେ । କିନ୍ତୁ ଚର୍ଚ୍ଚା ଏବେ ବିବାଦ ପରେ ଗାଳି ରେ ପରିଣତ ହୋଇଯାଇଛି । ସେ କହିଛନ୍ତି ଯେ ନାମ ପରିବର୍ତନରେ ନିଷ୍ପତି ସରକାର ନେବେ। କିଏ କଣ କହିଲା । ବ୍ୟକ୍ତିଗତ ସ୍ତରରେ ମୁଁ ଆକ୍ଷେପ କରେନାହିଁ । ସେ କହିଛନ୍ତି ଓଡ଼ିଆ ଲୋକ ଏବଂ ଓଡ଼ିଆ ଜାତିର ଅନୁଦାନରେ ତିଆରି ହୋଇଥିବା ଅନୁଷ୍ଠାନର ନାମ କାହିଁକି ଜଣେ ଇଂରେଜ ନାମରେ ରହିବ । ଓଡିଶା ବାହାରେ କୌଣସି ଓଡ଼ିଆ ଲୋକଙ୍କ ନାମରେ ଅନୁଷ୍ଠାନ ଅଛି କି ? ତାହେଲେ ଆମେ କାହିଁକି ବାହାର ଲୋକ ପାଇଁ ଏତେ ଦରଦ ଦେଖାଉଛନ୍ତି।

# ଅକ୍ଟୋବର ୫ ପୂର୍ବରୁ ସମସ୍ତ ରାସ୍ତା କାମ ସାରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, : ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ପ୍ରତ୍ୟେକ ସହରର ସମସ୍ତ ରାସ୍ତାର ମରାମତି ଓ ଉନ୍ନତୀକରଣ ନିମନ୍ତେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମରାମତି କାର୍ଯ୍ୟ ଶେଷ କରିବାକୁ ବୈଠକରେ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହରିଚନ୍ଦନ ମଧ୍ୟ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ କହିବା ଅନୁଯାୟୀ, କଟକ ଏବଂ ଭୁବନେଶ୍ୱରର ରାସ୍ତା ମରାମତି ପାଇଁ କୌଣସି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇନଥିଲା ଏବଂ ରାଜ୍ୟରେ ଭାଜପା ସରକାର ଗଠନ ପରେ ପ୍ରଥମ ଥର ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଛି। ଭବିଷ୍ୟତରେ ଏହି ଧାରା ଜାରି ରହିବ ଏବଂ ରାସ୍ତାର ଅବସ୍ଥା ସମ୍ପର୍କରେ ସମୀକ୍ଷା କରାଯିବ। ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦଶହରା ପରେ ମଧ୍ୟ ବୈଠକ ଅନୁଷ୍ଠିତ ହେବ। କଟକ ଏବଂ ଭୁବନେଶ୍ୱରରେ ଟ୍ରାଫିକ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ନୂତନ ରାସ୍ତା ନିର୍ମାଣ ପାଇଁ



ବିଚାର ବିମର୍ଶ କରାଯିବ ବୋଲି ହରିଚନ୍ଦନ କହିଛନ୍ତି। "ବର୍ଷା ଋତୁରେ ନୂତନ ରାସ୍ତା ନିର୍ମାଣ ହୋଇପାରିବ ନାହିଁ। ତେବେ ରାସ୍ତା ମରାମତି ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଟକ ତଥା ଭୁବନେଶ୍ୱରର ସମସ୍ତ ବିଧାୟକ ଏବଂ ମେୟର, ମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ସଚିବ, ଇଞ୍ଜିନିୟର-ମୁଖ୍ୟ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ କିଛି ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସମ୍ପତ୍ତି ପରିଚାଳନା ଡାଟାବେସ୍ ଅନୁଯାୟୀ, ଛୋଟ ଏବଂ ପ୍ରମୁଖ ମରାମତି କାର୍ଯ୍ୟ ପାଇଁ ବିଭାଗ ଦ୍ୱାରା ଏକ ଉପସ୍ଥାପନା କରାଯାଇଥିଲା । ଏହା ବ୍ୟତୀତ ଆଗାମୀ ପର୍ବକୁ ବିଚାର କରି ସହରାଞ୍ଚଳର ଲୋକଙ୍କ ସଡ଼କ ଯୋଗାଯୋଗ ପାଇଁ ଆବଶ୍ୟକ ମରାମତି କାର୍ଯ୍ୟ ସମ୍ପର୍କରେ ବିଧାୟକ ତଥା ଅନ୍ୟ ନେତାଙ୍କ ମତାମତ ନିଆଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।

ସଡକ ମରାମତି କାର୍ଯ୍ୟ ବିଷୟରେ ତାଙ୍କ ମତାମତ ଦେଇ କଟକ-ବାରବାଟୀ ବିଧାୟକ ସୋଫିଆ ଫିର୍ଦୋସ କହିଛନ୍ତି, "ଗଣେଶ ପୂଜା ସମୟରେ ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସମୟରେ ମୁଁ ରାସ୍ତାରେ ଅନେକ ସମସ୍ୟା ଦେଖିଛି। ଏହି ତାଲିକା ସିଏମସି କୁ ପ୍ରଦାନ କରାଯାଇଛି। ଠିକ୍ ସମୟରେ ରାସ୍ତା ନିର୍ମାଣ ଏବଂ ଡ୍ରେନ୍ କାମ ଶେଷ କରିବାକୁ ଦାବି କରାଯାଇଛି। ରାସ୍ତା ଏବଂ ଡ୍ରେନ୍ କାର୍ଯ୍ୟ ସମୟରେ ଉପଯୁକ୍ତ ସମନ୍ୱୟର ଅଭାବ ରହିଛି ଏବଂ ଫଳସ୍ୱରୂପ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍। ଦୀର୍ଘ ଦିନର ଯୋଜନା ଆଧାରରେ ଖରାପ ରାସ୍ତା ସମ୍ପୂର୍ଣ୍ଣ ଖୋଳାଯିବା ଉଚିତ ଏବଂ ନୂତନ ରାସ୍ତା ନିର୍ମାଣ କରାଯିବା ଉଚିତ ବୋଲି ଭୁବନେଶ୍ୱର କେନ୍ଦ୍ରୀୟ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି।

## ଅଭିନନ୍ଦନ

ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ସମସ୍ତ ଗୁରୁଜନ ଓ ଭାଇଭଉଣୀ ମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

M/S Amiya Prakash Mohanty

Deals with all types of AC sales, services and annual maintenance.



ଅମୀୟ ପ୍ରକାଶ ମହାନ୍ତି

Vivekananda Marg, Bhubaneswar
Mob:-9438361833

# ୨୫ ବର୍ଷ ଧରି ଓଡ଼ିଶାରେ ଛାତ୍ରମାନଙ୍କର ସ୍ୱାର୍ଥ ଉପେକ୍ଷିତ ହୋଇଛି : ଛାତ୍ର କଂଗ୍ରେସ

ଭୁବନେଶ୍ୱର : ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଉଦ୍ଦିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରଦେଶ ଛାତ୍ର କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଭାରୀ ଶ୍ରୀ ଚୁନ୍ନୁ ସିଂ କହିଥିଲେ ଯେ ଉଭୟ ବିଜେଡ଼ି ଓ ବିଜେପି ସରକାର ଓଡ଼ିଶାରେ ଛାତ୍ରମାନଙ୍କର ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ସେହିଭଳି ନୂଆ ବିଜେପି ସରକାର ତାଙ୍କର କାର୍ଯ୍ୟକ୍ରମରେ ଶିକ୍ଷା ବ୍ୟବସ୍ଥାର ଦୃଷ୍ଟାନ୍ତମୂଳକ ଉନ୍ନତି ପାଇଁ ପ୍ରାଧାନ୍ୟ ଦେଇ ନାହାନ୍ତି। ନୂତନ ସରକାର ବିଜେଡ଼ି ସରକାରକୁ ଅନୁସରଣ କରି ଏ ବର୍ଷ ନିର୍ବାଚନ ବନ୍ଦ କରିଦେଲେ। ଏହାଦ୍ୱାରା ସାରା ରାଜ୍ୟରେ ଛାତ୍ରମାନଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଛି। ବିଶେଷ କରି ରାଜ୍ୟର ସମସ୍ତ ସରକାରୀ ଏବଂ ଅନୁଦାନ ପ୍ରାପ୍ତ ଡିଗ୍ରୀ କଲେଜ ଏବଂ ବିଶ୍ୱ ବିଦ୍ୟାଳୟରେ କ୍ୟାମ୍ପସ କମିଟି ଗଠନ କରାଯିବା ସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଛାତ୍ର କଂଗ୍ରେସ ଆନ୍ଦୋଳାତ୍ମକ କାର୍ଯ୍ୟକ୍ରମ କରିବ। ଜୟପୁରୁ ବିଧାୟକ ତାରା ପ୍ରସାଦ ବାହିନପତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସରକାରଙ୍କର ଛାତ୍ର ସ୍ୱାର୍ଥ ବିରୋଧି ନୀତି ବିରୁଦ୍ଧରେ ଆନ୍ଦୋଳନ କରିବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦ୍ଦିତ ପ୍ରଧାନ କହିଥିଲେ ଯେ ଛାତ୍ର କଂଗ୍ରେସ ର୍‍ୟାଗିଙ୍ଗ ଓ ନିଶାମୁକ୍ତ ମୁକ୍ତ କ୍ୟାମ୍ପସ ପାଇଁ ଅଧିକ ଧ୍ୟାନ ଦେବ। ଶିକ୍ଷାନୁଷ୍ଠାନର ଭିତିଭୂମି ନିର୍ମାଣରେ ସରକାରୀ ଅନୁଦାନର ଦୁର୍ନୀତିକୁ ଦୃଢ଼ ପ୍ରତିବାଦ କରିବ। ଅଣଛାତ୍ର କିପରି କ୍ୟାମ୍ପସରେ ପ୍ରବେଶ କରିପାରିବେ ନାହିଁ ସେଥିପାଇଁ ଆନ୍ଦୋଳନ କରିବ। ବିଶେଷ କରି ହଷ୍ଟେଲର ସୁରକ୍ଷା, ଉତମ ପରିବେଶ ଉପରେ ପ୍ରାଧାନ୍ୟ ଦେବ। ଜାଲ୍ ସାର୍ଟିଫିକେଟ ମାଧ୍ୟମରେ ଯେଉଁ ଆଡ଼ିମିଶନ ଚାଲିଆସୁଅଛି ତାହା କିପରି ରୋକାଯିବ ସେଥିପାଇଁ ମଧ୍ୟ ଲଢ଼େଇ କରାଯିବ ବୋଲି କହିଥିଲେ।

# ରାୟଗଡ଼ା ସହର ରାସ୍ତା ଉପରେ କୃତ୍ରିମ ପୋଖରି ଓ ଅଳିଆ ଗଦା



ରାୟଗଡ଼ା : ରାୟଗଡ଼ା ସହର ରାସ୍ତା ଉପରେ ସୃଷ୍ଟି ହୋଇଛି କୃତ୍ରିମ ପୋଖରୀ। ରାୟଗଡ଼ା ସଦର ମହକୁମା ସ୍ଥିତ ଜିଲ୍ଲା ଟ୍ରେଜେରି ସମ୍ମୁଖରେ ଅଳ୍ପକେ ବର୍ଷାରେ ସୃଷ୍ଟି ହେଉଛି କୃତ୍ରିମ ପୋଖରୀ। ସୂଚନା ମୁତାବକ ଗତ କିଛି ଦିନ ତଳେ, ରାସ୍ତା ପାର୍ଶ୍ୱରେ ଥିବା ଏକ ଡ୍ରେନ ଭିତରେ ଗୋଟିଏ ପିକଅପ୍ ଭ୍ୟାନ ଫସି ଯାଇଥିଲା। ଯାହା ଦ୍ୱାରା ଗାଡ଼ି ବାହାରକୁ ବାହାରିବା ପରେ, ଡ୍ରେନ ଉପରେ ଥିବା ସିମେଣ୍ଟ ତିଆରି ପ୍ଲେଟ ଗୁଡ଼ିକ ଭାଙ୍ଗି ଯାଇଥିଲା। ଯାହାକୁ ପୌର ପରିଷଦ ଦ୍ୱାରା ମରାମତି କରାଯାଇ ଠିକାଦାରଙ୍କ ଦ୍ୱାରା ଡ୍ରେନ ଉପରେ ସିମେଣ୍ଟ ତିଆରି ପ୍ଲେଟ ଗୁଡ଼ିକ ପକା ଯାଇଥିଲା। କିନ୍ତୁ, ସେହି ପ୍ଲେଟ୍ ଗୁଡ଼ିକରେ ବର୍ଷା ଜଳ ଓ ରାସ୍ତା ଉପରେ ବହୁଥିବା ଜଳ ନିଷ୍କାସନ ପାଇଁ ଛିଦ୍ର ନ ଥିବାରୁ ରାସ୍ତା ଉପରେ ଜମା ହୋଇ ରହୁଛି ଆବର୍ଜନା ପାଣି। ଅନ୍ୟ ପକ୍ଷରେ ଆଖପାଖ ଅଞ୍ଚଳର ଅଳିଆ ସଂଗ୍ରହ କରି ଆଣି ଏଠାରେ ପକାଯାଇଥାଏ । କୁଡ କୁଡ଼ ଅଳିଆ ଆବର୍ଜ୍ଜନା ଦୂର୍ଗନ୍ଧରେ ନାକ ଫାଟି ଯାଉଛି। ଏପରିକି ନିକଟରେ କିଛି କଲ୍ୟାଣ ମଣ୍ଡପ ଥିବା ଯୋଗୁଁ ସେଠାରେ କୌଣସି କାର୍ଯ୍ୟକ୍ରମ ହେଲେ ମଧ୍ୟ ଖାଇଥିବା ଅଇଁଠା ଖୋଲିପତ୍ର, ପଲିଥିନ , ଡିସ୍ପୋଜଲ୍ ଗ୍ଲାସ୍ ଗିନା ଓ ପରିବା ଚୋପା ମଧ୍ୟ ଏହି ପାଖରେ ପକାଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଚିନ୍ତା ଜନକ ବିଷୟ ଏହା ଯେ, ଡେଙ୍ଗୁ ଓ ମ୍ୟାଲେରିଆ ପାଇଁ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସଚେତନ କାର୍ଯକ୍ରମ କରାଯାଉ ଥିଲେ ସୁଦ୍ଧା, ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଆ ଯାଉନାହିଁ। ଏହି ଅଳିଆ ଗଦା ସମ୍ମୁଖରେ ହିଁ ଶ୍ରୀ ରାମ ମନ୍ଦୀର, ଶ୍ୱି ମନ୍ଦିର ଥିବା ହେତୁ, ଏହି ରାସ୍ତା ଦେଇ ସ୍ଥାନୀୟ ଲୋକେ ରାଧାକାନ୍ତ ମନ୍ଦିର, ଜଗନ୍ନାଥ ମନ୍ଦିର, ମଝିଘରିଆଣି ମନ୍ଦିର ଓ ଶୁଭ ଅଶୁଭ କାର୍ଯ୍ୟରେ ନଦୀକୁ ମଧ୍ୟ ଯାଇ ଥାଆନ୍ତି। ଉକ୍ତ ଅଞ୍ଚଳରେ ପ୍ରତି ସୋମବାର, ମଙ୍ଗଳ ବାର ଓ ବିଶେଷ ପୁଜା ପର୍ବ ଓ ପୂଣ୍ୟ ତିଥି ସମୟରେ ମନ୍ଦିରରେ ଭିଡ ଦେଖିବାକୁ ମିଳେ। ଏହିଭଳି ସ୍ଥିତିରେ ଅଳିଆ ଆବର୍ଜ୍ଜନାରୁ ବୁଲା କୁକୁର, ଗାଇ ଓଳିଆ ଗଦାରୁ ଅଳିଆ ଆଣି ରାସ୍ତା ଉପରେ ପକାଇ ଦେଇ ଥାଆନ୍ତି। ଗୋଟିଏ ପଟେ ଆବର୍ଜନା ଯୁକ୍ତ ପାଣି ସାଙ୍ଗକୁ ଅନ୍ୟପଟେ ଅଳିଆ ଗଦା ଦୁର୍ଗନ୍ଧ ଡେଙ୍ଗୁ, ଜ୍ୱର ମ୍ୟାଲେରିଆ, ଫାଇଲେରିଆକୁ ଆମନ୍ତ୍ରଣ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

# ମାଲକାନଗିରିରେ ଆଦିବାସୀଙ୍କ ରଣହୁଙ୍କାର



ମାଲକାନଗିର, : ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ତଥା ଜିଲ୍ଲାର ସମସ୍ତ ଆଦିବାସୀ ସମାଜ, ମହାଗ୍ରାମ ସଭା, କାଲିମେଳା, ପଡିଆ ମିଶି ଏକ ସ୍ମାରକ ପତ୍ର ପ୍ରଦାନ ଅପିଲ କରିଛନ୍ତି। ଏନେଇ ଆଜି ମାଲକାନଗିରି ସହର ଜନ ସମୁଦ୍ର ପାଲଟିଛି। ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁଯାୟୀ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଏବଂ ଗୋଷ୍ଠିଗତ ଜଙ୍ଗଲ ସମ୍ବଳ ଅଧିକାରକୁ ସ୍ୱୀକୃତି ଏବଂ ସାବ୍ୟସ୍ତ କରିବା ଅନୁସୂଚିତ ଜନଜାତି ମାନଙ୍କର ସୁରକ୍ଷା ଦାବିପତ୍ର ରେ ଉଲ୍ଲେଖ ରହିଛି । ମାଲକାନଗିରି ଜିଲ୍ଲାରେ ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ହେବ ୨୩୪ ଗୋଟି ଗ୍ରାମସଭାରୁ ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର ପାଇଁ ଦାବି କରଯାଇଛି । ଜିଲ୍ଲା ସ୍ତରୀୟ କମିଟି ନିକଟରେ ବାରମ୍ବାର ଅଭିଯୋଗ ଓ ଅନୁରୋଧ କରିବା ସତ୍ତ୍ୱେ ମଧ୍ୟ ପଟ୍ଟା ପ୍ରଦାନ କରାଯାଉନ ଥିବା ଅଭିଯୋଗ ହୋଇଛି। ୯୩ଟି ଗ୍ରାମସଭାର ଦାବି ଗତ ୧୮.୦୫.୨୦୨୩ ଏବଂ ୧୪୧ଟି ଗ୍ରାମ ସଭାର ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର ଦାବି ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଗତ ୨୩.୦୨.୨୦୨୪ ରିଖରେ ଅନୁମୋଦନ କରା ଯାଇଛି । କିନ୍ତୁ ପଟ୍ଟା ପ୍ରଦାନ କରିବା ପାଇଁ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଇ ମାଲକାନଗିରି ଜିଲ୍ଲାର ସମସ୍ତ ଅନୁସୂଚିତ ଜନଜାତି ମାନଙ୍କ ପ୍ରତି ଏକ ଐତିହାସିକ ଅନ୍ୟାୟ କରାଯାଇଥିବା ଆଦିବାସୀ ମହାସଂଘ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର ଗୋଷ୍ଠି ଜଙ୍ଗଲ ସମ୍ବଳ ଅଧିକାର ଓ ବ୍ୟକ୍ତିଗତ ଅଧିକାର ପଟ୍ଟା ବଣ୍ଟନ ପ୍ରକ୍ରିୟାକୁ ତରାନ୍ୱିତ କରିବାକୁ ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ଉଭୟ ବ୍ୟକ୍ତିଗତ ଏବଂ ଗୋଷ୍ଠିଗତ ଦାବି ଗୁଡିକ ବିଳମ୍ବ ନ କରି ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି। ଏବଂ ଅନୁସୂଚିତ ଅଞ୍ଚଳରେ ସ୍ୱୟଂ ଶାସନ ତଥା ଆଦିବାସୀ ସମ୍ପ୍ରଦାୟର ଅଧିକାରର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପେସା ଆଇନ, ୧୯୯୬ ପ୍ରଣୟନ କରାଯାଇଛି । ଓଡିଶା ସରକାର ଦ୍ୱାରା ଯେଉଁ ଡ୍ରାଫ୍ ?ଟ ନିୟମ କରାଯାଇଛି ତାହା ପେସା ଆଇନ ୧୯୯୬ର ମୂଳ ଭାବନାକୁ କ୍ଷୁଣ୍ଣ କରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି ଆଦିବାସୀ ମହାସଂଘ। ଏଣୁ ଡ୍ରାଫ୍ ?ଟ୍ ନିୟମକୁ ବିରୋଧ କରି ପେଶା ଆଇନର ମଳ ଭାବନାକୁ ଗୁରୁତ୍ୱ ଦିଆଯାଇ ଉଢ଼ିବାଦୀ ଗ୍ରାମସଭାର ନିଷ୍ପତ୍ତିକୁ ସର୍ବପରି ମନା ଯାଇଛି । ତେଣୁ ଏହି ମୂଳ ଭାବନାକୁ ଧ୍ୟାନରେ ରଖାଯାଇ ନୂଆ ନିୟମ ପ୍ରସ୍ତୁତ କରାଯାଇ ତୁରନ୍ତ ଅନୁସୂଚୀତ ଅଞ୍ଚଳରେ ଲାଗୁ କରାଯିବାକୁ ଦାବି ହୋଇଛି।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ମହା ଘୋଟାଲା

# ଅଶୋକ-ଅଭିଜିତଙ୍କ ମଧୁଚନ୍ଦ୍ରିକାରେ ବଳି ପଡୁଛି ଛାତ୍ରଛାତ୍ରୀଙ୍କ ପ୍ରତିଭା

କେନ୍ଦ୍ରାପଡ଼ା, : ଏବେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଚାଲିଛି ମହା ଘୋଟାଲା । ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷ ଅଭିଜିତ ବୋଷ ଏବଂ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ଅଶୋକ ଦାସଙ୍କ ମଧୁଚନ୍ଦ୍ରିକାରେ ବଳି ପଡି ଯାଉଛି ଛାତ୍ରଛାତ୍ରୀଙ୍କ ପ୍ରତିଭା । ସେହିପରି ତୁଳସୀ ମହିଳା ମହାବିଦ୍ୟାଳୟରୁ ବଦଳି ହୋଇ ଆସିଥିବା କିରାଣୀ ରବୀନ୍ଦ୍ର ନାଥ ପରିଡ଼ା ଓ ତାଙ୍କ କିରାଣୀ ପତ୍ନୀ ଇନ୍ଦୁମତୀ ସାହୁଙ୍କ କବଜାରେ ରହିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ଫଳରେ କଲେଜ ଏବେ ପଙ୍ଗୁ ଅବସ୍ଥାକୁ ଚାଲି ଆସିଲାଣି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭାର ବିକାଶ କରିବା ପାଇଁ ପୂର୍ବ ରାଜ୍ୟ ସରକାର ନୂଆ-ଓ ଯୋଜନା ପ୍ରସ୍ତୁତ କରିଥିଲେ । ଯେତେବେଳେ ଯୋଜନା କାର୍ଯ୍ୟକାରୀ ହେଉଥିଲା ସେତେବେଳେ ଅଧ୍ୟକ୍ଷ ଥିଲେ ଅଶୋକ ଦାସ । ସେ ସରକାର ଦେଇଥିବା ୨୪ ଲକ୍ଷ ଟଙ୍କାକୁ ହରିଲୁଟ୍ ? କରିଥିଲେ । ଏବେ ଯେଉଁ ଅଧ୍ୟକ୍ଷ ଅଭିଜିତ ବୋଷ ଅଛନ୍ତି ତାଙ୍କୁ ହରିଲୁଟ୍ ? ଅର୍ଥରୁ କିଛି ଦେଇ ବିଲ ପାସ କରାଇ ନେଉଛନ୍ତି । ଅଶୋକ-ଅଭିଜିତଙ୍କୁ ନେଇ ଏବେ ଉଚ୍ଚ ଶିକ୍ଷା ବିଭାଗରେ ଗଣ୍ଡା ଗଣ୍ଡା ଅଭିଯୋଗ ପହଞ୍ଚିଲାଣି । କେତେକେଳେ ଉଭୟଙ୍କ ଘରେ ଭିଜିଲାନ୍ସ ରେଡ ହେବ ତାହାକୁ ନେଇ ଏବେ ସବୁଠି ଚର୍ଚ୍ଚା ଲାଗି ରହିଛି । ନୂଆ-ଓ ଯୋଜନା ଅନୁଯାୟୀ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି କରିବା ପାଇଁ ଭାଷା ସାହିତ୍ୟ ପ୍ରତିଯୋଗିତା କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଥିଲେ । ଏ ନେଇ ୬ ଲକ୍ଷ ଟଙ୍କା ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ସେହିପରି ନୂଆ-ଓ ଯୋଜନାରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପାଇଁ ୯ ଲକ୍ଷ ଏବଂ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରିବା ପାଇଁ ୯ ଲକ୍ଷ ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଥିଲେ । ମୋଟ ଉପରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ୨୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ସେ ନେଇ ବିଭିନ୍ନ ପ୍ରତିଙ୍ଗୋଗିତା ହେଲା । ୨୫୦ ଛାତ୍ରଛାତ୍ରୀ ପୁରସ୍କାର ପାଇଁ ଯୋଗ୍ୟତା ଅର୍ଜନ କଲେ ।

# କଳିଙ୍ଗନଗରରେ ଦୁଃଖୀ ପରିବାର, ଜରି ପାଲ ତଳେ ବିତୁଛି ଜୀବନ

କଳିଙ୍ଗନଗର, : କଳିଙ୍ଗ ନଗରରେ କରୁଣ କାହାଣୀ।ଏ ସଂସାର ବଡ ବିଚିତ୍ର। କାହାକୁ ରାଜଉଆସ ଦେଉଛି ଯେ ରହିବା ପାଇଁ ଲୋକ ନାହାନ୍ତି। ଆଉ କେଉଁଠି ଲୋକ ଅଛନ୍ତି ହେଲେ ମୁଣ୍ଡ ଗୋଞ୍ଜିବାପାଇଁ କୁଡିଆଟିଏ ମଧ୍ୟ ନାହିଁ। ବିଧାତା ସେମିତି ଏକ ଦାଉ ସାଧିଛି ମୁନା ର ପରିବାର ଉପରେ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ଝୁମ୍ପୁଡି ସାହି ଗ୍ରାମରେ। ଝୁମ୍ପୁଡି ପାହାଡର ପାଦଦେଶରେ ଅବସ୍ଥାପିତ ହୋଇଥିବାରୁ ଏହାର ନାମ ଝୁମ୍ପୁଡ଼ିସହି ହୋଇଛି। ଏହା ଏକ ଆଦିବାସି ଗ୍ରାମ ଓ ଏଠାରେ ପ୍ରାୟ ୨୦ ପରିବାର ବାସକରନ୍ତି। ଗ୍ରାମର ସମସ୍ତେ ଦିନମଜୁରିଆ ଭାବେ ଦୀନକାଟନ୍ତି। ସେମାନଙ୍କ ମଧ୍ୟରୁ ମୁନା ବି ଦୀନମଜୁରିଆ ଭାବେ କାର୍ଯ୍ୟ କରି ନିଜର ପରିବାର ପୋଷଣ କରେ। ସବୁ ଠିକଠାକ ଚାଲୁଥିବାବେଳେ ହଟାତ୍ ବିଧାତା ମୁନା ଓ ତା ପରିବାର ଉପରେ ଦାଉ ସାଝିବା ଆରମ୍ଭ କରିଦେଲା।

ଝୁମ୍ପୁଡ଼ିସାହି ରେ ବହୁ ବର୍ଷ ଧରି ବସବାସ କରିଆସୁଛି ମୁନା ଲାଗୁରୀ ପରିବାର। ମୁନା ର ବୟସ ଏବେ ୪୦ବର୍ଷ ହୋଇଥିବାବେଳେ ତା ସ୍ତ୍ରୀ ମଙ୍ଗୁଳି ର ବୟସ ୩୭ବର୍ଷ। ମୁନା ର ତିନୋଟି ପୁଅ କୁ ନେଇ



ପରିବାର ଟି ହସଖୁସିରେ ଚଳିଯାଉଥିଲେ। ବଡପୁଅ ଭୀମ ଲାଗୁରୀ (୧୪), ମଝିଆଁ ପୁଅ ଗୌରା ଲାଗୁରୀ (୧୨) ଓ ସାନ ପୁଅ ସମ୍ବରା ଲାଗୁରୀ (୧୦) ବର୍ଷ ହେଇଛି। ପିଲାଛୁଆ ସଂସାର କୁ ନେଇ ମୁନା ତା ହିସାବରେ ଖୁବ ଆନନ୍ଦରେ ରହୁଥିଲା। ବାପ ପଞ୍ଚୁ ଲାଗୁରୀ ଆଜକୁ ୬ବର୍ଷ ହେବ ଆରପାରିକୁ ଚାଲିଗଲା ଓ ମା ଶ୍ରୀମତୀ ଲାଗୁରୀ ମଧ୍ୟ ୩ବର୍ଷ ହେବ ଆରପାରିକୁ ଚାଲିଗଲା। ବାପ ପୁଅ ମିଶି ଦିନମଜୁରୀ କରି ଦୁଃଖେକଷ୍ଟେ ପରିବାରକୁ ପ୍ରତିପୋଷଣ କରିପାରୁଥିଲେ। ମାତ୍ର ବାପ ମା ଚାଲିଯିବାପରେ ପରିବାରର ସମସ୍ତ ବୋଝ ମୁନା ଉପରେ ପଡିଥିଲା। ମୁନା ମଧ୍ୟ ବୋଝକୁ ନିଜ ମୁଣ୍ଡକୁ ନେଇ ପ୍ରତିଦିନ କିଛି କାର୍ଯ୍ୟ କରି ତା ପରିବାର ମୁଁହ ରେ ଖାଦ୍ୟ ଦେଇପାରୁଥିଲା। ପରିବାର ପୋଷଣ କରିବା ସଙ୍ଗେ ସଙ୍ଗେ ସେଥିରୁ କିଛି ପଇସା ବଞ୍ଚାଇ ଘରଟିଏ କରିବ ବୋଲି ସ୍ଥିର କରିଥିଲା। ମାତ୍ର ବିଧାତା ତା ଭାଗ୍ୟରେ ଅଲଗା କିଛି ଲେଖିଥିଲା। ଗାଁ ପାଖରେ ଥିବା ଇଟା କାରଖାନାରେ ଗାଡିରେ ଇଟା ବୋଝେଇ କରି ଯାହାକିଛି ମିଳୁଥିଲା ସେଥିରେ ସେ ଚଳିଯାଉଥିଲା। ବାପ ପଞ୍ଚୁ ଥିବାବେଳେ ଗୋଟିଏ ଝାଟିମାଟି କୁଡ଼ିଆ ଘରେ ଯାହାକି ବଡସୁଳି ପାହାଡ ତଳେ ଥିଲା। ବାପା ମା ଚାଲିଯିବା ଆଉ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବାରୁ ବାଧହୋଇ ଝୁମ୍ପୁଡ଼ି ପାହାଡ ତଳେ ଗୋଟିଏ ପାଲ ଟଙ୍ଗା ଘରେ ରହିଆସିଛି। ଏବେ ସେ ଘରର ଅବସ୍ଥା ଯିଏ ଦେଖିବ, ସେ ବିଶ୍ୱାସ କରିପାରିବ ନାହିଁ ଯେ ତିନୋତିନୋଟି ପିଲାଙ୍କୁ ଧରି କେହି କେବେ ଏ ଘରେ ରହିପାରିବ। ଘରର ଚାରିପଟ ଖୋଲା ଥିବାବେଳେ ଛାତରେ ଫଟା ଜରିପାଲ ଦେଇ ଜୀବନ ଯାପନ କରୁଛି। ଘରର ଚାରିପଟ ଘଞ୍ଚ ଜଙ୍ଗଲ ଥାଇ ମଧ୍ୟ ଅନ୍ୟ କୌଣସି ଉପାୟ ନପାଇ ବାଧ ହୋଇ ସେଇ ଭଙ୍ଗା କୁଡ଼ିଆରେ ପଡ଼ିରହିଛି। ଝୁମ୍ପୁଡୀ ପାହାଡ ଘୋର ଜଙ୍ଗଲରେ ପରିପୂର୍ଣ୍ଣ ଥିବାରୁ ଏଠାରେ ଦିନବେଳା ଜଙ୍ଗଲ ହିଂସ୍ରଜନ୍ତୁ ଯିବା ଆସିବା କରିଥାନ୍ତି। ମୁନା ର ସ୍ତ୍ରୀ ତାର କୋହଭରା କଣ୍ଠରେ କୁହେ କି ମୁଁ କୌଣସି ରାତିରେ ଶୁଏ ନାହିଁ, ପିଲାମାନଙ୍କୁ ଜଗିରହେ । ମୋର ପ୍ରତି ରାତି ଏମିତି ଉଜାଗରରେ କଟିଯାଏ ।

ଏସବୁ ଦୁଃଖର ମୁଖ୍ୟ କାରଣ ସାଜିଥିଲା ଯେଉଁ ଦିନଠାରୁ ମୁନା ର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲା। ଗତ ଦୁଇ ବର୍ଷ ହେବ ମୁନା ଆଉ କୌଣସି କାର୍ଯ୍ୟ କରିବାପାଇଁ ଯାଇପାରୁନାହିଁ। କେଜାଣି କେଉଁ ରୋଗ ଆସିଲା ମୁନା ଏବେ ନିଜକର୍ଯ୍ୟ ନିଜେ କରିବା ବି କଷ୍ଟ ହୋଇପଡିଛି। ଏପରି ସ୍ଥଳେ ସେ ପରିବାର କେମିତି ପୋଷିବି ବୋଲି କହି କାନ୍ଦି କକେଇଲା। ମୋର ଜମିବାଡି ନଥିବାରୁ ମୋତେ ସରକାର ତତଫରୁ ଘର ଟିଏ ମଧ୍ୟ ମିଳୁପାରୁନାହିଁ। ସ୍ତ୍ରୀ ମଙ୍ଗୁଳି ର ମଧ୍ୟ ସ୍ୱାସ୍ଥ୍ୟ ଅବସ୍ଥା ସବୁବେଳେ ଭଲ ରହୁନାହିଁ। ମଙ୍ଗୁଳି ଯେବେ ପାରୁଛି କିଛି କାମଧନ୍ଦା କରି ପରିବାର ମୁହଁରେ ଦାନା ଦେଉଛି। ଯେଉଁଦିନ ମଙ୍ଗୁଳି କୁ କାମ ମିଳୁନି ସମସ୍ତ ପାଞ୍ଚ ପରାଣୀ କୁଟୁମ୍ବ ଉପାସରେ ରହିବାକୁ ପଡୁଛି। ଗୋଟିଏ ପଟେ ଘର ନଥିବାରୁ ବାଘ ଭାଲୁ କୁ ଡର ଥିବାରୁ ରାତିରେ ପିଲାମାନଙ୍କ ପାଇଁ ସୋଇ ହୁଏନାହିଁ ତ ଅନ୍ୟପଟେ ପେଟ ପାଇଁ ସବୁଦିନ କାମ ମିଳୁନାହିଁ। ଅର୍ଥ ଅଭାବରୁ ସ୍ୱାମୀ ର ସ୍ୱାସ୍ଥ୍ୟ ଠିକ କରିପାରୁନାହିଁ, ପ୍ରତିଦିନ କାମ ନମିଳିବାରୁ ପିଲାଛୁଆ ଙ୍କ ପେଟ ପୁରାଇ ପାରୁନାହିଁ ଓ ତାହା ସହିତ ଘର ଖଣ୍ଡେ ନଥିବାରୁ ବାଘ ଭାଲୁ ଙ୍କ ଦାଉ ରୁ ରକ୍ଷାକରିବା ମଙ୍ଗୁଳି ପାଇଁ ବଡ କଷ୍ଟ ହୋଇପଡିଛି। ସରକାର ଙ୍କ ତରଫରୁ ଘର ଖଣ୍ଡେ ମିଳୁନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ଅସହାୟ ପରିବାରକୁ ସାହାଯ୍ୟ କରିପାରନ୍ତି ତେବେ ଗୋଟିଏ ପରିବାର ସମ୍ପୂର୍ଣ୍ଣ ଛାରଖାର ରୁ ବଞ୍ଚି ଯାଆନ୍ତା। ମୁନା ର ବୟସ ତୁଳନାରେ ସେ ଏବେ ସମ୍ପୂର୍ଣ୍ଣ ଠିକ୍ ହୋଇପାରନ୍ତା, ଯଦି ଏହାର ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପାରନ୍ତା। ଯାହାକି ତା ପକ୍ଷେ ସମ୍ଭବପର ନୁହେଁ। ଏବେ ଦେଖିବାକୁ ରହିଲା ପ୍ରଶାସନ ପକ୍ଷରୁ କେବେ ଏହି ଉଜୁଡ଼ି ଯାଉଥିବା ପରିବାରଟିକୁ ସାହାଯ୍ୟ ମିଳିପାରୁଛି।

# ଆଧାର କେନ୍ଦ୍ର, ଜନସେବା କେନ୍ଦ୍ର ମାନଙ୍କରେ ପରିସ୍ଥିତି ଅସମ୍ଭାଳ

ପୁରୀ(ଭିଓଭି): (ରଶ୍ମି ରଞ୍ଜନ ମହାରଥାଙ୍କ ରେପୋର୍ଟ): ପୁରୀ ଜିଲ୍ଲା ରେ ଥିବା ସମସ୍ତ ଆଧାର କେନ୍ଦ୍ର, ଜନସେବା କେନ୍ଦ୍ର ଏବଂ ମୋ ସେବା କେନ୍ଦ୍ର ଗୁଡ଼ିକରେ ନାହିଁ ନଥିବା ଗହଳି ଲାଗି ରହୁଛି। ଶୁଭଦ୍ରା ଯୋଜନା ପାଇଁ ଆବେଦନ ଘୋଷଣା ହେବା ପରଠାରୁ ଏପରି ଗହଳି ବଢ଼ି ଯାଇଥିବାର ପରିଲକ୍ଷିତ ହେଉଛି। ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ର ଗୁଡ଼ିକରେ ଶୁଭଦ୍ରା ଯୋଜନା ପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ ଟି ଖୋଲୁ ନ ଥିବାରୁ ଦୀର୍ଘ ସମୟ ଅପେକ୍ଷା କରି ହିତାଧିକାରୀ ମାନଙ୍କୁ ନିରାଶ ହୋଇ ଫେରିବାକୁ ପଡୁଛି। ଏବେ ଦୁଇ ତିନି ଦିନ ହେବ କେବଳ ରାତ୍ରି ସମୟରେ ୱେବ୍‌ସାଇଟ୍ ଟି କିଛି ସମୟ ପାଇଁ ଖୋଲି କିଛି ଡାଟା ଅପ୍‌ଲୋଡ ହେବା ପରେ ପୁଣି ବନ୍ଦ ହୋଇ ଯାଉଥିବାର କିଛି ଜନସେବା କେନ୍ଦ୍ର ଅଧିକାରୀ ପ୍ରକାଶ କରିଛନ୍ତି। ତେଣୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରି ରହିଲେ ନିଜର ଫର୍ମ ଅପ୍‌ଲୋଡ ହୋଇଯିବା ଆଶାରେ କିଛି କିଛି ହିତାଧିକାରୀ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜନସେବା କେନ୍ଦ୍ର ଆଗରେ ଧାଡ଼ିରେ ଛିଡା ହେବାର ଦେଖିବାକୁ ମିଳୁଛି। ଏଣେ ଆଧାର କେନ୍ଦ୍ର ଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା। ଶୁଭଦ୍ରା ଯୋଜନା ଆବେଦନ କରିବା ପାଇଁ କାହାର କାହାର ଆଧାର କାର୍ଡ ସଂଶୋଧନ ଆବଶ୍ୟକ ଥିବା ସ୍ଥଳେ ରାସନ କାର୍ଡ ଚାଲୁ ରଖିବା ନିମନ୍ତେ ଇ-କେୱାଇସି ବାୟୋମେଟ୍ରିକ୍ ଅପ୍‌ଡେଟ୍ ପାଇଁ ଲୋକଙ୍କ ମନରେ ଚିନ୍ତା ବଢ଼ି ଯାଇଛି। ଆଧାର ସଂଶୋଧନ କେନ୍ଦ୍ର ଗୁଡିକରେ ମଧ୍ୟ ଦୈନିକ ଶହ ଶହ ଲୋକଙ୍କ ଭିଡ ଲାଗି ରହୁଛି। କେତେକ ସ୍ଥାନ ଧସ୍ତାଧସ୍ତି ଭଳି ଅପ୍ରିତିକର ପରିସ୍ଥିତି ଉପୁଯୁଛି। କେହି କେହି ଆଧାର କେନ୍ଦ୍ର ସମ୍ମୁଖରେ ସାରା ରାତି ଜଗି ରହୁଛନ୍ତି ତ କେହି କେହି ରାତି ଦୁଇଟା ରୁ ଆସି ଧାଡ଼ିରେ ଛିଡ଼ା ହେବା ଦେଖିବାକୁ ମିଳୁଛି। ପୁରୀ ଜିଲ୍ଲାରେ ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ର ଏବଂ ଆଧାର ସଂଶୋଧନ କେନ୍ଦ୍ର ଗୁଡିକରେ ହିତାଧିକାରୀ ମାନଙ୍କ ଅବସ୍ଥା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ।

ଶୁଭଦ୍ରା ଯୋଜନା ଆବେଦନ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର, ଜନସେବା କେନ୍ଦ୍ର, ମୋ ସେବା କେନ୍ଦ୍ର ଏବଂ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ମ୍ୟୁନିସିପାଲିଟି ବା ବ୍ଲକ୍ ସ୍ତରରେ ଖୋଲାଯାଇଥିବା ଫର୍ମ ବିତରଣ କେନ୍ଦ୍ର ଗୁଡ଼ିକରେ ଫର୍ମ ମିଳିପାରିବ ବୋଲି ସରକାରୀ ସ୍ତରରେ ଘୋଷଣା କରାଯାଇଥିବା ବେଳେ ପୁରୀ ଜିଲ୍ଲାରେ କେବଳ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ହିଁ ଏହି ଫର୍ମ ମିଳୁଥିବାର ଦେଖା ଯାଉଛି। ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ଶୁଭଦ୍ରା ଆବେଦନ ଫର୍ମ ମିଳୁନାହିଁ। ହିତାଧିକାରୀ ମାନେ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରୁ ଫର୍ମ ନେଇ ଜନସେବା କେନ୍ଦ୍ର ଗୁଡ଼ିକରେ ଆବେଦନ କରିବାକୁ ଯାଉଛନ୍ତି। ଅନ୍‌ଲାଇନ୍ ଆବେଦନ ବେଳେ ପ୍ରଥମେ ମୋବାଇଲ୍ କୁ ଓଟିପି ଯିବା କିମ୍ବା ହିତାଧିକାରୀଙ୍କ ଆଙ୍ଗୁଠି ଛାପ ବା ଆଇରିସ୍ ବାୟୋମେଟ୍ରିକ୍ ଦ୍ୱାରା ପ୍ରମାଣିତ କରିବାକୁ ପଡୁଥିଲା। କିନ୍ତୁ ଏଥିରେ ଗୋଟିଏ ଫର୍ମ ଦାଖଲ କିରିବା ପାଇଁ ଘଂଟା ଘଂଟା ସମୟ ଲାଗି ଯାଉଥିବାରୁ ଏବେ ସେ ପ୍ରକାର ଅପ୍‌ଡେଟ୍ ସିଷ୍ଟମ କୁ ବାଦ୍ ଦିଆଯାଇ ସିଧାସଳଖ ଆଧାର ନମ୍ବର ଦ୍ୱାରା ଫର୍ମ ଦାଖଲ କରାଯାଉଛି। ମାତ୍ର ସେଥିରେ ବି କେତେବେଳେ ୱେବ୍‌ସାଇଟ୍ ଏରର ଦେଖାଉଛି ତ କେତେବେଳେ ଲିଙ୍କ ଚାଲି ଯାଉଛି। ଦିନବେଳା ସର୍ଭର ଜାମ ରହୁଛି। ରାତ୍ରିରେ କିଛି ସମୟ ପାଇଁ ଖୋଲି କିଛି କାମ କରି ହେଉଛି। ଶୁଭଦ୍ରା ଯୋଜନା ପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ ଟି ଯଦି ଠିକ୍ ଭାବରେ କାର୍ଯ୍ୟ କରନ୍ତା ତେବେ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ର ଗୁଡିକରେ ଅଯଥା ଗହଳିକୁ ରୋକା ଯାଇ ପାରନ୍ତା। ଅନ୍‌ଲାଇନ୍ ତଥ୍ୟ ଅପ୍‌ଲୋଡ ପାଇଁ ଗୋଟିଏ ପୂର୍ଣ୍ଣ ବିକଶିତ ସଫ୍ଟୱେୟାର ପ୍ରସ୍ତୁତ କରିବା ଭଳି ଆବଶ୍ୟକ ପ୍ରାଥମିକ ଭିତିଭୂମି ଠିକ୍ ନକରି ତରବରିଆ ଭାବେ ନିଷ୍ପତି ନିଆଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି କେତେକ ଜନସେବା କେନ୍ଦ୍ର ଅଧିକାରୀ ପ୍ରକାଶ କରିଛନ୍ତି। ତେଣୁ ଏଥି ପ୍ରତି ଦୃଷ୍ଟି ଦେଇ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି।

# ଅସହାୟ ଅବସ୍ଥାରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ

ଟିଟିଲାଗଡ଼ : ସବୁବେଳେ ସବୁସମୟରେ ରାଜ୍ୟରେ ବେଶ ଚର୍ଚ୍ଚା ର ପରିଧି କୁ ଆସିଥାଏ ଟିଟିଲାଗଡ଼ ସହର କ୍ଷ କାରଣ ରାଜ୍ୟର ସର୍ବ ବୃହତ ଉପଖଣ୍ଡ ର ମାନ୍ୟତା ଲାଭ କରିଥିଲେ ମଧ ଟିଟିଲାଗଡ଼ ସହର ସତେ ଯେପରି ସମସ୍ତ ଙ୍କ ପାଇଁ ଅଲୋଡ଼ା ପାଲଟି ଯାଇଛି କ୍ଷ ଏଠାକାର ଜନତା ଯେମିତି କୁ ନେତା ସେମିତି କ୍ଷ ଯାହାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି ଟିଟିଲାଗଡ଼ ସହରର ମଧ୍ୟ ସ୍ଥଳରେ ରହିଥିବା



ନାମକୁମାତ୍ର ଉପଖଣ୍ଡ ସ୍ତରୀୟ ମୁଖ୍ୟ ଚିକିତ୍ସାଳୟ କ୍ଷ ଏହି ଡାକ୍ତରଖାନା ରେ ଦୁଇ ଗୋଟି ମୁଖ୍ୟ ଦ୍ୱାର ବା ପ୍ରବେଶ ଦ୍ୱାର ରହିଥିବା ବେଳେ ପ୍ରଥମ ଦ୍ୱାର କୁ ପ୍ରବେଶ ଦ୍ୱାର ଭାବରେ ରହିଥିବା ବେଳେ ଆଉ ଏକ ଦ୍ୱାର କୁ ପ୍ରସ୍ଥାନ ଦ୍ୱାର ଭାବେ ଚିତ୍ରଣ କରାଯାଇଆସୁଅଛି କ୍ଷ ତେବେ ପ୍ରସ୍ଥାନ ବା ଦୁଇ ନମ୍ବର ଗେଟ ସମ୍ମୁଖରେ କାହିଁ କେଉଁ ଆବାହନ କାଳ ରୁ ରହିଥିବା ବିରାଟ ନିମ୍ବ ବୃକ୍ଷ ଗତ ଲଗାଣ ବର୍ଷା ରେ ଉପୁଡି ଯାଇ ମୁଖ୍ୟ ଗେଟ ଉପରେ ପଡିବା ସହ ଡାକ୍ତରଖାନାର ବାଡ଼ ଏବଂ ଗେଟ ବେଶ ପ୍ରଭାବିତ ହେବା ସହ ଏକ ପ୍ରକାର ଦୁଇ ନମ୍ବର ଗେଟ ଟି ଏବେ ସମ୍ପୂର୍ଣ୍ଣ ଭାବରେ ଗଛ ପଡି ଅବରୋଧ ହେବା ସହ ବନ୍ଦ ପଡିଛି କ୍ଷ ଲଗାଣ ବର୍ଷା ସମୟରେ ବାଡ଼ ଏବଂ ଗେଟ ଉପରେ ବିରାଟକାୟ ଗଛ ପଡିବା ପରେ ସ୍ଥାନୀୟ ଅଗ୍ନିଶ୍ରମ ବିଭାଗ ଆସି ଗଛ ଗଣ୍ଡି ଗୁଡିକୁ ଯୁଦ୍ଧକାଳୀନ ସମୟରେ କାଟି ଦେଇଥିଲେ ସୁଦ୍ଧା ଆଜକୁ ପ୍ରାୟ ଏକ ସପ୍ତାହ ହେବ ସେମିତି ଅବସ୍ଥାରେ ନିମ୍ବ ବୃକ୍ଷର ଟେର ଏବଂ ବଡ଼ ବଡ଼ ଗଣ୍ଡି ସହ ଗଛ ର ଅନେକ ଶାଖା ପ୍ରଶାଖା ସେମିତି ସେଇ ବାଡ଼ ଏବଂ ଗେଟ ସମ୍ମୁଖରେ ପଡି ରହିଛି କ୍ଷ ଫଳରେ ଏକ ମାତ୍ର ଗେଟ ହିଁ ଯିବା ଆସିବା ର ମାଧ୍ୟମ ପାଲଟିଛି କ୍ଷ ଯଦି ଗୋଟିଏ ଆମ୍ବୁଲାନ୍ସ ଗାଡି ଟି କୌଣସି ଗୁରୁତର ରୋଗୀ ଙ୍କୁ ନେଇ ଆସିଲା ତ ଆଉ ଏକ ଆମ୍ବୁଲାନ୍ସ ଗାଡି ହେଉ ବା ଅନ୍ୟ କୌଣସି ଗୁରୁତର ରୋଗୀ ଙ୍କୁ ନେଇ କୌଣସି ସମ୍ପର୍କୀୟ ହୁଅନ୍ତୁ ବାହାରେ ଘଣ୍ଟା ଘଣ୍ଟା ଧରି ଛିଡା ହେବା ହିଁ ସାର ହେଉଛି କ୍ଷ ଗୋଟିଏ ଗାଡି ଭିତରୁ ନ ବାହାରିବା ପର୍ଯ୍ୟନ୍ତ ଆଉ ଏକ ଚାରିଚକିଆ ଯାନ ପଶିବା ମୁସ୍କିଲ ହୋଇପଡିଛି କ୍ଷ ତେବେ ସବୁଠାରୁ ଆଶ୍ଚର୍ଯ୍ୟ ର ବିଷୟ ଯେ ଟିଟିଲାଗଡ଼ ଉପଜିଲ୍ଲାପାଳ ଙ୍କ ବାସ ଭବନ ସମ୍ମୁଖରେ ଏମିତି ଅବସ୍ଥା ଲାଗି ରହିଥିବା ବେଳେ ଆଜି ଯାଏଁ ଗେଟ ଉପରୁ ତଥା ସମ୍ମୁଖରୁ ଗଛ ହଟା ନ ଯିବା ଯେତିକି ଚର୍ଚ୍ଚା ଯୋଗାଉଛି ସେତିକି ଚକିତ କରୁଛି ସ୍ଥାନୀୟ ନବନିର୍ବାଚିତ ବିଧାୟକ ଙ୍କ ଭୂମିକା କୁ ନେଇ କ୍ଷ ନିତିଦିନ ଉକ୍ତ ରାସ୍ତା ରେ ବିଧାୟକ ନବୀନ ଜୈନ ଏବଂ ତାଙ୍କ ଧର୍ମ ପତ୍ନୀ ତଥା ପୌରପରିଷଦ ଅଧ୍ୟକ୍ଷା ମମତା ଦେବୀ ଜୈନ ଯାତାୟାତ କରୁଥିଲେ ବି କେମିତି କାହାର ନଜର ପଡୁନାହିଁ ଏହି ମୁଖ୍ୟ ସମସ୍ୟା ଉପରେ ତାହା ସାଧାରଣ ଜନତା କୁ ଆହୁରି ଚକିତ କରିଛି କ୍ଷ ସହର ସମେତ ଆଖ ପାଖ ଗ୍ରାମାଞ୍ଚଳ ର ହଜାର ହଜାର ଲୋକେ ନିର୍ଭର କରୁଥିବା ଏହି ଡାକ୍ତରଖାନା ର ସାମାନ୍ୟତମ ସମସ୍ୟାର ସମାଧାନ କରିବା ପାଇଁ ଏକ ସପ୍ତାହ ରୁ ଉର୍ଦ୍ଧ ସମୟ ହେବାକୁ ଯାଉଥିବା ବେଳେ ଲୋକେ ବା ରୋଗୀ ମାନଙ୍କ ସମସ୍ୟା ଆହୁରି ଦ୍ୱିଗୁଣିତ କରିଦେଇଛି କ୍ଷ ଏକ ମାତ୍ର ଗେଟ ଉପରେ ସମସ୍ତେ ନିର୍ଭର କରୁଥିବା ବେଳେ ଅନେକ ସମୟ ଧରି ଟ୍ରାଫିକ ସମସ୍ୟା ବି ଉତ୍କଟ ରୂପ ନେବାରେ ଲାଗିଛି କ୍ଷ ପ୍ରବଳ ଭିଡ଼ ହେଉଥିବାରୁ ଛୋଟ ମୋଟ ଦୁର୍ଘଟଣା ମଧ୍ୟ ଡାକ୍ତରଖାନା ଗେଟ ସମ୍ମୁଖରେ ଘଟୁଥିବା ଦେଖିବାକୁ ମିଳିଛି କ୍ଷ ସ୍ଥାନୀୟ ଲୋକେ ବି ଏହି ଘଟଣା କୁ ବିଧାୟକ ଙ୍କ କାର୍ଯ୍ୟଶୈଳୀ କୁ ନେଇ ପ୍ରଶ୍ନ କଲେଣି କ୍ଷ ସେପଟେ ଯଥାଶୀଘ୍ର ଗେଟ ଉପରୁ କାଠ ଗଣ୍ଡି ଗୁଡିକ ନ ହଟାଇଲେ ଜନସ୍ୱାର୍ଥ ସୁରକ୍ଷା ସମିତି, ପିପୁଲସ ଇଂଟରେଷ୍ଟ ପ୍ରୋଟେକ୍ସନ ସୋସାଇଟି ଆଗାମୀ ଦିନରେ ରାଜ ରାସ୍ତାକୁ ଓଲ୍ଲାଇ ଉପଜିଲ୍ଲାପାଳ ଅଫିସ ସମେତ ବନପାଳ ଅଫିସ ଘେରାଓ କରିବା ନେଇ ଚେତାବନୀ ଦେଇଛି।

# ଗଣେଶ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ସତ୍ୟବାଦୀ: (ଦୁର୍ଗେଶ ପ୍ରସାଦ ମିଶ୍ର) ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ବ୍ରିଜ ଛକ ଗଣେଶ କମଟି ପକ୍ଷରୁ ବିଘ୍ନବିନାଶକ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନା କରାଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଅଛି।ଏହି ଉପଲକ୍ଷେ କମିଟି ସଦସ୍ୟ ଲିଙ୍ଗରାଜ ପ୍ରଧାନ,ସୁଶାନ୍ତ ରାଉତ,କାଳୁ ବେହେରା, ଅଭିମନ୍ୟୁ ବାରିକ, ସୁଦର୍ଶନ ବେହେରା, ଡ଼ମ୍ବରୁଧର ବେହେରା, ଅଶୋକ ସାହୁ ପ୍ରମୁଖଙ୍କ ସହଯୋଗରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୈଳାସ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ଓ ଡି ଆର ବି ଡ୍ୟାନ୍ସ ଗ୍ରୁପର କଳାକାରମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଆକର୍ଷଣୀୟ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।



# ସତ୍ୟବାଦୀରେ ସୁଭଦ୍ରା ରଥର ଶୁଭାରମ୍ଭ



ସତ୍ୟବାଦୀ: (ଦୁର୍ଗେଶ ପ୍ରସାଦ ମିଶ୍ର ): ସତ୍ୟବାଦୀ ବ୍ଲକ୍ ପରିସରରେ ସରକାରଙ୍କ ଦ୍ୱାରା ପ୍ରଣୀତ ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ବିଭିନ୍ନ ଦିଗ ଯଥା କିପରି ଆବେଦନ କରି ପାରିବେ, କେଉଁ ମାନେ ଏହାର ଲାଭ ଉଠାଇ ପାରିବେ, ଏହାର ବିନିଯୋଗ କିପରି କରିପାରିବେ ପ୍ରଭୃତିକୁ ପ୍ରତ୍ୟେକ ଗ୍ରାମରେ ରହୁଥିବା ମହିଳା ମାନଙ୍କୁ ସଚେତନ କରିବା ପାଇଁ, ବିଡ଼ିଓ ଶ୍ରୀମତୀ ଲିପ୍ସା ରାୟ, ସିଡିପିଓ ଶ୍ରୀମତି ରାଜଲକ୍ଷ୍ମୀ ଦାସ ତଥା ଅଙ୍ଗନବାଡି କର୍ମୀ ତଥା ମିଶନ ଶକ୍ତିରେ କାମ କରୁଥିବା ସମସ୍ତ ଏମବିକେ ସିଆରପି ମାନଙ୍କ ଉପସ୍ଥିତି ରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମାଧ୍ୟମ ରେ ସୁଭଦ୍ରା ରଥର ଶୁଭାରମ୍ଭ କରା ଯାଇଛି।

# ଅନୁପ୍ରବେଶକାରୀଙ୍କୁ ଜିଲ୍ଲାରୁ ହଟାଇବାକୁ ଦାବି ତେଜିଲା

ଭଦ୍ରକ, : ଭଦ୍ରକ ଜିଲ୍ଲାର ବରିଷ୍ଠ ନାଗରିକ ସଂଘ 'ସଂଗଠନ ରାଷ୍ଟ୍ରୀୟ ଚିନ୍ତନ' ତରଫରୁ ଭଦ୍ରକ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରିତ କରାଯାଇଛି। ଭଦ୍ରକରେ ବିଗତ ବର୍ଷ ମାନଙ୍କରେ ଅନେକ ଥର ସାମ୍ପ୍ରଦାୟିକ ଦଙ୍ଗା ଘଟିତ ହୋଇ ବିପୁଳ ଧନ ଜୀବନ ହରାଇ ସାରିଛି । ଏଥିରେ ବାଙ୍ଗଲାଦେଶୀ, ରୋହଙ୍ଗିଆ ଅନୁପ୍ରବେଶ ଜିଲ୍ଲାର ସ୍ଥିତିକୁ ଆହୁରି ଜଟିଳ କରୁଛି । ଏବେ ଏମାନଙ୍କ ସଂଖ୍ୟା ଦୋସିଙ୍ଗା, କଇଥକୋଲା, ଧାମରା, କରଣପଲ୍ଲି, କସିଆ, ବାଲିମୁଣ୍ଡା, ଧାମନଗରର ଗୁଡପୋଖରୀ, ଚୁନୁପଡା,ମୁଲ୍ଲାସାହି, ପନ୍ଦରବାଟିଆ ଆଦି ତିହିଡିରେ ପାଳିଆବିନ୍ଧା, ମହରମପୁର, ଭାଟପଡା, ସିନ୍ଦୋଳ ଆଦି ଭଦ୍ରକର ଏରେଇ, ମିର୍ଜାପୁର ବିଦ୍ୟାଧରଆଡି, ଧନାଟୋଲା, ହଳଦିଡିହ, ନୂଆସାହୀ ଆଦି ଆହୁରି ଅନେକ ସ୍ଥାନ, ଭଦ୍ରକ ବ୍ଲକର ବହୁଦରଡା,ଗୁଜିଦରଡା, ଗୋଲପୁର, ବିଷ୍ଣୁପୁର, ବନ୍ତରେ ପ୍ରଧାନପଡା, ବନ୍ତ ଏପରି ଆହୁରି ଅନେକ ସ୍ଥାନରେ ସମୁଦାୟ ୨୫ ରୁ ୩୦ ହଜାର ସଂଖ୍ୟକ ଲୋକ ଉକ୍ତ ସ୍ଥାନ ମାନଙ୍କରେ ଘରକରି କିମ୍ବା ଭଡାଘରେ ନଚେତ ସରକାରୀ ଜମି ଜବରଦଖଲ କରି ରହୁଛନ୍ତି । ଅର୍ଥ ଲାଂଚ ଦେଇ ଆଧାରକାର୍ଡ, ରାସନକାର୍ଡ, ଏପରିକି ଭୋଟରକାର୍ଡ କରିନେଇ ସାରିଲେଣି । ପଚରା ଗଲେ ଏମାନେ ମୁର୍ଶିଦାବାଦ, ଚବିଶ ପ୍ରଗଣା, ମେଦିନିପୁର, ମାଳଦା କିମ୍ବା ଉତର ପ୍ରଦେଶର ବୋଲି ପରିଚୟ ଦେଉଛନ୍ତି । ଏମାନେ ସରକାରଙ୍କ ସମସ୍ତ ଯୋଜନାର ସୁଯୋଗ ନେବା ସହ ଭଦ୍ରକ ଗ୍ରାମୀଣ ଲୋକ ମାନଙ୍କ କୌଳିକ ବୃତି ଗୁଡିକୁ ଯୋଜନାବଦ୍ଧ ଭାବେ ହଡପ କରି ସାରିଲେଣି । ହରେକମାଲ , ଆଇସକ୍ରିମ , ଲୁଗାପଟା , ପନିପରିବା , ଫଳ, ପ୍ଲାଷ୍ଟିକ ସାମଗ୍ରୀ, ବାସନକୁସନ, ବିଭିନ୍ନ ବଙ୍ଗଳାଦେଶୀ ଔଷଧ, ପାଉଁରୁଟି ବିସ୍କୁଟ ଅପମିଶ୍ରିତ ଖାଦ୍ୟ ଆଦି ଗାଁ ଗାଁରେ ବୁଲି ବିକ୍ରି କରୁଛନ୍ତି । ଯେଉଁଥିରେ ସରକାରଙ୍କୁ କୌଣସି ଖଜଣା ଦେଉନାହାନ୍ତି । ଦିନରେ ଏହି ବ୍ୟାପାର ଓ ରାତିରେ ଚୋରିର ଘଟଣା ଅନେକ ଥର ଘଟିତ ହୋଇ ସାରିଲାଣି । ଏବେ ଏମାନଙ୍କ ଦ୍ୱାରା ବ୍ୟାପକ ଗୋ-ହତ୍ୟା, ଗୋଚାଲାଣ ଯୋଗୁଁ ଅନେକ ସ୍ଥାନରେ ହିଂସାକାଣ୍ଡ ଘଟିଛି ।

# Environmental Pollution: A Grave Threat to Human Health



Nihar Ranjan Acharya

Environmental pollution has become one of the most pressing issues of our time, posing a severe threat to human health across the globe. From the air we breathe to the water we drink and the soil in which we grow our food, pollution infiltrates every aspect of our lives, often with devastating consequences. As industrialization and urbanization continue to expand, the impact of pollution on public health has reached alarming levels, necessitating urgent action to safeguard our well-being.

Types of Environmental Pollution Environmental pollution comes in various forms, each with distinct sources and harmful effects:

1. Air Pollution: Air pollution is perhaps the most pervasive form of environmental pollution. It results from the emission of harmful substances, such as particulate matter, nitrogen oxides, sulfur dioxide, carbon monoxide, and volatile organic compounds (VOCs) from vehicles, industries, and agricultural activities. Indoor air pollution, caused by burning solid fuels for cooking and heating, is also a significant concern, particularly in developing countries.

2. Water Pollution: Water pollution occurs when harmful chemicals, waste products, and pathogens contaminate water bodies such as rivers, lakes, and oceans. Industrial discharges, agricultural runoff, sewage, and plastic waste are primary contributors to water pollution. Contaminated water poses significant risks to both aquatic ecosystems and human health.

3. Soil Pollution: Soil pollution is caused by the deposition of hazardous chemicals, such as pesticides, heavy metals, and industrial waste, onto the land. These pollutants degrade soil quality, reduce agricultural productivity, and can contaminate the food chain, leading to serious health problems.

4. Noise Pollution: Noise pollution is often an overlooked environmental issue, yet it has profound effects on human health. Urbanization, industrial activities, traffic, and construction are major sources of noise pollution, which can lead to hearing loss, stress, sleep disturbances, and cardiovascular issues.

5. Light Pollution: Light pollution, the excessive or misdirected artificial light in urban areas, disrupts natural circadian rhythms in humans and animals. It can lead to sleep disorders, increased stress levels, and negative impacts on wildlife.

6. Chemical Pollution: The widespread use of chemicals in agriculture, industry, and households has led to widespread chemical pollution. Pesticides, herbicides, and industrial chemicals can contaminate air, water, and soil, leading to toxic exposure and long-term health effects.

Impact of Environmental Pollution on Human Health

The health impacts of environmental pollution are profound and far-reaching, affecting nearly every aspect of human life. Some of the most significant health consequences include:

1. Respiratory and Cardiovascular Diseases: Air pollution is a major contributor to respiratory and cardiovascular diseases. Exposure to fine particulate matter (PM2.5) and other airborne pollutants can lead to chronic conditions such as asthma, bronchitis, and chronic obstructive pulmonary disease (COPD). Long-term exposure increases the risk of heart attacks, strokes, and lung cancer. According to the World Health Organization (WHO), air pollution is responsible for approximately 7 million premature deaths each year.

2. Waterborne Diseases: Contaminated water sources are a leading cause of waterborne diseases such as cholera, dysentery, and typhoid fever. Inadequate sanitation and unsafe drinking water contribute to the spread of these diseases, particularly in low-income regions. Water pollution also increases the risk of exposure to toxic chemicals like lead, arsenic, and mercury, which can cause neurological damage, kidney failure, and developmental issues in children.

3. Cancer and Reproductive Health Issues: Environmental pollutants, including chemicals, heavy metals, and radiation, are linked to an increased risk of cancer. Prolonged exposure to carcinogens like asbestos, benzene, and dioxins can lead to various types of cancer, including lung, liver, and bladder cancer. Additionally, pollutants such as endocrine disruptors can affect reproductive health, leading to infertility, birth defects, and developmental disorders.

4. Neurological Disorders: Exposure to neurotoxic substances such as lead, mercury, and certain pesticides can result in neurological damage. In children, this can manifest as cognitive impairments, developmental delays, and behavioral issues. In adults, long-term exposure to these pollutants is associated with an increased risk of neurodegenerative diseases such as Alzheimer's and Parkinson's.

5. Mental Health Effects: Noise pollution, light pollution, and chemical exposure have been linked to mental health issues, including stress, anxiety, depression, and sleep disorders. Chronic exposure to these stressors can have a cumulative effect, leading to a decline in overall mental well-being.

6. Impaired Immune System: Persistent exposure to environmental pollutants can weaken the immune system, making individuals more susceptible to infections and diseases. Pollutants like air and water contaminants can cause chronic inflammation, which undermines the body's ability to fight off illnesses.

**Vulnerable Populations**

While environmental pollution affects everyone, certain populations are more vulnerable to its health impacts:

1. Children: Children are particularly susceptible to the harmful effects of pollution due to their developing organs and immune systems. Exposure to pollutants during critical periods of growth can have lifelong consequences, including developmental delays, learning disabilities, and chronic health conditions.

2. Elderly: The elderly are more prone to the adverse effects of pollution due to weakened immune systems and pre-existing health conditions. Air pollution, in particular, exacerbates respiratory and cardiovascular issues in older adults, increasing the risk of hospitalization and premature death.

3. Low-Income Communities: Low-income communities often bear the brunt of environmental pollution, as they are more likely to live near industrial facilities, waste sites, and high-traffic areas. Limited access to healthcare, clean water, and nutritious food exacerbates the health risks associated with pollution in these communities.

Addressing Environmental Pollution

Tackling environmental pollution requires a multi-faceted approach, involving governments, industries, communities, and individuals. Key strategies include:

1. Regulatory Measures: Governments play a critical role in regulating pollution through laws and policies that limit emissions, enforce waste management, and protect natural resources. Stricter enforcement of environmental regulations and the adoption of cleaner technologies are essential in reducing pollution levels.

2. Sustainable Practices: Industries must adopt sustainable practices that minimize environmental impact. This includes reducing emissions, recycling waste, and using eco-friendly materials. Transitioning to renewable energy sources and promoting energy efficiency can also significantly reduce pollution.

3. Public Awareness and Education: Educating the public about the dangers of pollution and encouraging environmentally responsible behavior is crucial. Awareness campaigns, community initiatives, and environmental education programs can empower individuals to make informed choices and advocate for cleaner environments.

4. *Health Interventions: Public health initiatives should focus on mitigating the health impacts of pollution, particularly in vulnerable populations. This includes improving access to clean water and sanitation, providing healthcare services, and monitoring pollution levels to prevent exposure.

5. International Cooperation: Environmental pollution is a global issue that requires international cooperation. Collaborative efforts to address transboundary pollution, such as air and water pollution, are essential in protecting global health and the environment.

**Conclusion**

Environmental pollution is not just an ecological issue; it is a grave threat to human health that demands immediate attention. The pervasive nature of pollution affects every aspect of our lives, leading to chronic diseases, mental health issues, and premature death. To protect current and future generations, it is imperative that we take decisive action to reduce pollution, promote sustainable practices, and prioritize public health in our environmental policies. The health of our planet and its inhabitants depends on our ability to confront and mitigate the dangers of environmental pollution.

Ph. 8249775817
E-mail: nihar.acharya1973@gmail.com

# Encouraging India towards an API-driven Compliance System, Tally eyes a CAGR of 30-40% in 3 years

National, : With the continued vision to empower the backbone of the Indian economy – the fast-growing MSME sector; Tally Solutions today announced the global launch of the all-new TallyPrime 5.0, elevating its suite of Connected Services. A leading technology company providing business management software, Tally brings a new paradigm in connected services with API-driven tax filing. The launch is in line with the company's vision to enhance business operations for the mid-mass segment both in India and globally.The latest version with 'Connected GST' will serve as a consolidated interface for all online GST operations, without having to visit the GST portal. This release further strengthens Tally's connected experience which includes e-invoicing and e-way bill generation capability, WhatsApp integration, etc.

# ଇତିହାସ ଛିନ୍ନପୃଷ୍ଠାର କଥା ଓ ବ୍ୟଥା

ହେ ମୋ ସ୍ନେହର ଉତ୍କଳବାସୀ ! ମୁଁ ଜାଣିଛି ତୁମେମାନେ ମୋତେ ମନେରଖିଛ ଏବଂ ଝୁରୁଛ ମଧ୍ୟ । ଅଦୃଶ୍ୟ ଜଗତରୁ ତୁମକୁ ମୋର ଆଶୀର୍ବାଦ ! ୧୮୮୪ ମସିହା ଅକ୍ଟୋବର ମାସ ୩୦ ତାରିଖ ଏବଂ କାର୍ତ୍ତିକ ଶୁକ୍ଳ ନବମୀରେ ପିତା ରାମଚନ୍ଦ୍ର ମିଶ୍ର ଓ ମାତା ମୁକ୍ତାଦେବୀଙ୍କ କୋଳରେ ମୋର ଜନ୍ମହୁଏ ସତ୍ୟବାଦୀର ଶ୍ରୀରାମଚନ୍ଦ୍ରପୁର ଗାଁରେ । ଆଜକୁ ମୃତ୍ୟୁର ପ୍ରାୟ ୮୭ବର୍ଷ ଅତିକ୍ରମ କରିଛି । ମିତ୍ର ସେଦିନର ସ୍ମୃତିଗୁଡ଼ିକ କେବଳ ଆଜି ବିସ୍ମୃତି ହୋଇ ପଡ଼ିରହିଛି । ଆଉ ତୁମେମାନେ କେତେଜଣ ସେହି ବିସ୍ମୃତିରୁ କିଛି ସ୍ମୃତିକୁ ସାଉଁଟୁଛ । ସେହି ପବିତ୍ର ସତ୍ୟବାଦୀସ୍ମୃତିପୀଠ (ପଞ୍ଚସଖା ସମାଧିପୀଠ)କୁ ବେଳମିଳିଲେ ଦର୍ଶନାର୍ଥୀ ହୋଇ ବୁଲିବାକୁ ଆସ ଏବଂ ଆମକୁ ଦେଖି ମଥା ନୁଆଁଇ ପ୍ରଣିପାତ କର । ଏହା ସୁଖର କଥା ଯେ ତୁମେମାନେ ପୂଜ୍ୟପୂଜା କରି ଉତ୍କଳର ସେହି ଗରିମାମୟ ଅଧ୍ୟାୟକୁ ମନେପକାଇଦେଉଛ । ତୁମେମାନେ ଠିକ୍ ବୁଝିପାରିବ ମୁଁ ଯେଉଁ କାହାଣୀ ତୁମ ସ୍ମୃତିକୁ ଆଣିବି । ଯେଉଁମାନେ ଆମକୁ ଦେଖିନାହାନ୍ତି କେବଳ ଶୁଣିଛନ୍ତି ସେମାନେ ଆମକୁ ଦେଖିଲେ ସମଗ୍ର ଦେଶର ତଥା ଉତ୍କଳର ଚିତ୍ରପଟ ତାଙ୍କ ଆଖିଆଗରେ ନାଚିଉଠେ । ପୁଣି କେତେକଣ କୁହାକୁହି ହୋଇ ଆଖିକୁ ଅଶ୍ରୁ ସମ୍ବରଣ କରନ୍ତି । କାହିଁକି କେଜାଣି ସବୁତକ ଦୋଷ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ଉପରେ ଲଦିଦେଇ ଗାଳି କରିବାକୁ ପଛାନ୍ତି ନାହିଁ । ତା' ଠାରୁ ଅଧିକ ଗାଳି ଶୁଣନ୍ତି କିଛି ସାମାଜିକ କର୍ମୀମାନେ । ଗାଳିଗୁଡ଼ିକ ପ୍ରକାଶିତ ନ ହେଲେ ବି ପ୍ରତିଅନ୍ତର ଅଭିବ୍ୟକ୍ତିକୁ ରୋମନ୍ଥନ କରିପକାଏ । ଏହା ଅତ୍ୟନ୍ତ ପରିତାପର ବିଷୟ ବୋଲି ଅତି ଆପଣାର ମଣିଷମାନେ ବଡ଼ପାଟିରେ କହି ହୁଅନ୍ତି , ଆଉ କେହି କେହି କହନ୍ତି ଏହି ମହାନ ଐତିହ୍ୟ ସ୍ଥଳୀରେ ପୁଣ୍ୟାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କର କୌଣସି ପରିଚୟ ତ ନାହିଁ ? ଆଉ କିଛି ବଦାନ୍ୟ ବ୍ୟକ୍ତି ମୁଣ୍ଡରେ ହାତ ଦେଇ କହୁଥାନ୍ତି ସମାଜରେ ଭଲଲୋକଙ୍କର କଣ ସ୍ଥାନ ଥାଏ ? ହାୟରେ ଭଗବାନ ଏ କି ପ୍ରକାର କୁଟନୀତି ? ଏହି ମହାନ ଐତିହାସିକ କ୍ଷେତ୍ରର ବିକଳ ଚିତ୍ର ଆଖିରେ ଦେଖିଲେ ମନ ମରିଯାଏ ହୃଦୟ ଥରିଉଠେ ! ଆପଣଙ୍କୁ ବିଶ୍ୱାସ ହେଉ ନ ଥିବ ଅନୁମାନ ! ଯଦି ଦିନେ ବୁଲି ନ ଯିବେ ସେହି ମଣିଷ ତିଆରି କାରଖାନାର ସ୍ମାରକୀ ବକୁଳବନ ପୀଠକୁ ତେବେ ସବୁଟା ଆପଣ ଜାଣିପାରିବେନି । ତଥାକଥିତ ସମାଜସେବୀ ବାବୁମାନଙ୍କର ସମାଜସେବାର ଯେଉଁ ପଣ ତାହାର ଖବର ପ୍ରତିଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି ଓ କରିବ । ବୃକ୍ଷରୋପଣ କାର୍ଯ୍ୟକ୍ରମ ଠାରୁ ପ୍ରତିଭା ସମ୍ମାନ ଓ ସାହିତ୍ୟ ସଭାଯାଏଁ ବିଭିନ୍ନ ସଭା ସମିତି ଏହି ବକୁଳବନ ମଧ୍ୟରେ ହୁଏ ଏବଂ ହେଉଥିବ ମଧ୍ୟ । ଏଠାକୁ ପରିଦର୍ଶନରେ ବହୁ ବଡ଼ ବଡ଼ିଆ ବାବୁମାନେ ଗହଳି ଲଗାନ୍ତି ହେଲେ କଣ ହେବ ଏହି ସୁନ୍ଦର ଶ୍ୟାମଳ ବକୁଳ ଛୁରିଅନା କୁଞ୍ଜ ବକୁଳବନର ମହିମା ସଭିଙ୍କର ଦୃଷ୍ଟି ଆଢୁଆଳରେ ! ସାଧାରଣ ଲୋକେ ବା କଣ କରିବେ ? ସେମାନେ ମୁକ ହୋଇ ସବୁ ଦେଖନ୍ତି ଏବଂ ତାହାର ଭବିଷ୍ୟତ କଥା ଭାବି ଲୁହ ଗଡ଼ାନ୍ତି ।

ବକୁଳବନର ଖବରକୁ ଖବରକାଗଜର କର୍ମକର୍ତ୍ତାଗଣ ବେଳେବେଳେ ନିଜର ଦାୟିତ୍ୱ ତୁଲାଇ ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଛନ୍ତି । କାରଣ ଖବର କାଗଜ ସତ କହେ । ସତ ମଧ୍ୟ । କୋଣ୍ଟିତ୍ ସମାଜସେବୀଙ୍କର ବକଧାର୍ମିକତାକୁ ସାମ୍ବାଦିକ ବନ୍ଧୁମାନେ ବିଶ୍ୱାସ କରିବା ମଧ୍ୟ ଉଚିତ୍ ନୁହେଁ । ହଁ ଆମକୁ ବିଶ୍ୱାସ କରିବାକୁ ହେବ ଯେ ବାସ୍ତବରେ କିଛି ଭଲକର୍ମୀ ସମାଜର ସେବା କରୁଛନ୍ତି । ସେମାନେ ବିଶେଷ ଦେଖେଇ ହୁଅନ୍ତି ନାହିଁ । ନିରବ ନିଶ୍ଚଳ ଭାବରେ କଥାରେ ନ କହି କାମରେ କରି ଦେଖେଇ ଦିଅନ୍ତି । ଏହିପରି ଅନେକ ସଚ୍ଚାକର୍ମୀବୃନ୍ଦ ଆଜିର ଦୁନିଆରେ ଛପିରହିଥାନ୍ତି । ସେମାନଙ୍କୁ ମହତଲୋକେ ଝୁରନ୍ତି ହେଲେ ତାଙ୍କର ଆତ୍ମପ୍ରଚାର ହୁଏ ନାହିଁ । ମିଡ଼ିଆ ଆଗକୁ ସେମାନେ ଯାଆନ୍ତି ନାହିଁ । ମିଡ଼ିଆ ତାଙ୍କ ପାଖକୁ ଯାଏ । ମାତ୍ର ତଥାକଥିତ ସମାଜସେବୀ ବୋଲାଉଥିବା କେତେକ କର୍ମୀ ବେଳେବଳେ ମିଡ଼ିଆ ଆଗକୁ ଯାଇ ନିଜର ଡାହା ମିଛ ଭାଷଣରେ ବାହାସ୍ଫୋଟ ମାରନ୍ତି ଏବଂ ପ୍ରମାଣପତ୍ରଟିଏ ପାଇ ବଡ଼ବଡ଼ ପୁରସ୍କାର ପଛରେ ପଡ଼ି ଲବି କରିବା ଆରମ୍ଭ କରିଦିଅନ୍ତି । କେବଳ ଭାଷଣରେ ସମ୍ମାନ ଦେଉଥିବା ସାଧୁ ରୂପୀ ଏ ଠକମାନଙ୍କ ବୋଲରେ ଥରେ ପଡ଼ିଲେ ମଣିଷ ସର୍ବସ୍ୱାନ୍ତ ହେବା ସ୍ୱାଭାବିକ । ଦେଶର ଅବସ୍ଥା ବଦଳି ନାହିଁ କି ରାଜ୍ୟ କଥା ନ କହିଲେ ଭଲ ! ଥରେ ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ ଓ ମୁଁ ଆମେ ତିନିଜଣ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଗାଁ ସୁଆଣ୍ଡୋକୁ ଯାଇଥିଲୁ । ସେଦିନ ଆମେ ମାଆ ଜାଗେଶ୍ୱରୀଙ୍କ ପୀଠରେ ବସି ଦେଶପାଇଁ ଯେଉଁ ବଜ୍ର ଶପଥ ଗ୍ରହଣ କରିଥିଲୁ ତାହା ଓଡ଼ିଆ ଜାତିର ପୂତ ଗୌରବକୁ ଫେରାଇ ଆଣିବା ପାଇଁ ସହାୟକ ହୋଇଥିଲା । ସେହି ଅମର ଦୀକ୍ଷା ସାରା ଜୀବନରେ ବ୍ରତୀ ହୋଇ ଦେଶରେ ମହା ସଂଗ୍ରାମ ରଚାଇଲୁ ! ସେହି ମହାସଂଗ୍ରାମରେ ବଜ୍ର ପ୍ରତିଜ୍ଞା ବି ନେଇଥିଲୁ ତାହା ଏହିପରି ଥିଲା – 'ପାଠପଢ଼ି ସରକାରୀ ଚାକିରୀ କରିବା ନାହିଁ, ଜନ୍ମବେଳେ ଦେଶକୁ ଯେପରି ଦେଖିଥିଲେ ତାହାଠାରୁ ଅଧିକ ଦେଖି ମରିବା ' ଏହି ବଜ୍ର ଶପଥକୁ ଆମେ ପାଳନ କରି ଜନ୍ମଭୂମିପାଇଁ ପ୍ରାଣ ଢାଳିଦେଲୁ । ଏକଥା ବୁଝିଲା କି ଉତ୍କଳ ? ଘରଦ୍ୱାର ସ୍ତ୍ରୀ ପିଲାଛୁଆ ଛାଡ଼ି ଦେଇ ଦେଶର ଶିକ୍ଷା, ସ୍ୱାଧୀନତା ଏବଂ ଜାତିର ଭବିଷ୍ୟତ ଓ ଅଖଣ୍ଡତାକୁ ପ୍ରାଣେ ପ୍ରାଣେ ଅନୁଭବକରି ଜୀବନ ଦୀପଟି ଅସମୟରେ ଚାଲିଯାଇଥିଲା ! କେହି ଜଣେ ବୁଝିଲେ କି ଆମକୁ ? ବନ ବିଦ୍ୟାଳୟ ଲାଗି ଆମେ କେତେଜଣ ଲୁହକୁ ଲହୁକରି କେତେ ଯେ ଝଡ଼ଝଞ୍ଜା ସହିଛୁ ତାର ପଟ୍ଟାନ୍ତର ନାହିଁ । ତାହା ସିନା କେବଳ ପ୍ରଭୁ ସାକ୍ଷୀଗୋପିନାଥଙ୍କୁ ଜଣାଥିବ । ଏବେ ମୁଁ ଅଦୃଶ୍ୟ ଜଗତରୁ ଶୁଣିବାକୁ ପାଇଲି ବକୁଳବନର ରୂପରେଖ ବଦଳିଯିବ



ପ୍ରଚାରକ ଅନନ୍ତ ମିଶ୍ର

! ବଦଳିଯାଇଛି ମଧ୍ୟ ! ହେ ଭଗବାନ ! କି ଅମାନବୀୟ କି ଅସହାୟ ଏ ବନ ବକୁଳ ! ଅଳିଆ ଆବର୍ଜନା ପରିପୂର୍ଣ୍ଣ ବଣ ଆଉ ବକୁଳବନ ହୋଇ ରହିନାହିଁ । ତାହା ପାଲଟିଛି ମଦ୍ୟପମାନଙ୍କର ଆଡ୍ଡା ସ୍ଥଳୀ । ଚୋରମାନଙ୍କର ଦୁର୍ଦ୍ଦାନ୍ତ ରାହାଜାନି ! ଖଣ୍ଡିଆ ଖାବରା ଭଙ୍ଗା ପ୍ରାଚୀରର କ୍ରନ୍ଦନ ଆହା କି ଯନ୍ତ୍ରଣା ଦାୟକ ! ଜୀର୍ଣ୍ଣ ମୂର୍ତ୍ତି ମାନେ ବିକୃତ ଓ ବିକଳାଙ୍ଗ ! ତଥାପି ସେହି ପବିତ୍ର ପୀଠରେ ମୋର ସ୍ଥାନଟିଏ ସଂରକ୍ଷିତ ରଖିନି ଏ ଓଡ଼ିଆ ଜାତି ! ଓହଃ କି ଚକ୍ରାନ୍ତ କି କୂଟନୈତିକ ପଶାଖେଳରେ ଏ ବନଭୂମି ! ସତରେ କି ବିସ୍ମୟ ଏ ନିଷ୍ଠୁର ଜନତା ! ମୁଁ ଜନତାଙ୍କୁ କ୍ରୁର ଭାଷାରେ କହୁଛି କାହିଁକିନା ସେମାନେ ମୋତେ ଭଲକରି ଜାଣନ୍ତି ମୋର କର୍ମ ଓ କର୍ତ୍ତବ୍ୟ ପ୍ରତି ଅବଗତ । ତଥାପି ନିଷ୍ଠୁର ଓ ସ୍ୱାର୍ଥାନ୍ଧ ମଣିଷ କଣ ବା ପାପ କରି ନ ପାରେ ? ସରକାର ବାହାବା ନିମନ୍ତେ ଘୋଷଣା କଲେ – ସତ୍ୟବାଦୀ ବନ ବିଦ୍ୟାଳୟ ଓ ବକୁଳ ବନ ଓଡ଼ିଆ ଜାତିର ସ୍ମାରକୀ ହେବ ! ହ ଉ ଭଲକଥା ! ଏଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ହେଲା । ଆହୁରି ଭଲକଥା ! ଏହା ଆମର ଟେକ ରଖିବ ! ବଢ଼ିଆ କଥା ! ପୁଣି ହସିବ ସତ୍ୟବାଦୀ । ଏକଥା ସମସ୍ତେ କୁହାକୁହି ହେଲେ । ଆମେ ବି କଥାବାର୍ତ୍ତା ହେଉ । ହେଲେ କଣ ହେବ ସବୁ ଭେଳିକି ଭେଳି ଚାଲ୍ । ନିଜର ପତିଆରା ଓ ପ୍ରତିଭୂ ଦେଖାଇବା ପାଇଁ ଏପରି କରାଯାଉନି ତ ! ଯଦି ଏପରି ନୁହେଁ ତେବେ କାମରେ ବିଳମ୍ବ କାହିଁକି ? ଏହା ଛଳନା ଓ କୂଟନୈତିକ ସଠତାରେ ଭୋଟବ୍ୟାଙ୍କ ପ୍ରସ୍ତୁତିର ରୂପରେଖ ନୁହେଁ ତ । ସେ ଯାହା ବି ହେଉ ସେଥିରେ ଆମର କିଛି କହିବାର ନାହିଁ । କିନ୍ତୁ ଐତିହାସିକ ପୀଠ ବକୁଳବନର ବିକଳାଙ୍ଗକୁ ଦେଖିଲେ ଅବାରିତ ଅଶ୍ରୁଧାରା ଆଖିରୁ ଅଟକୁ ନାହିଁ । ଯାହା କି ସଂଗ୍ରାମୀଗୋଷ୍ଠୀଙ୍କ ମୁଣ୍ଡକୁ କ୍ରୋଧ ଆପେ ଚଢ଼ିଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ମୁଁ ତ ଜୀବନରେ ଆଦୌ ରାଗ ଆଣିନି । ସେଥିପାଇଁ ମୁଁ ଥିଲି ବାବୁ ଗୋପବନ୍ଧୁ, ହରିଭାଇନା, ନୀଳଭାଇନାଙ୍କର ଚଳନ୍ତି ପ୍ରତିମା । ଅଗଣିତ ଜନତାଙ୍କର ଥିଲି ପ୍ରାଣ ସ୍ୱରୂପ । କଣ କହିବି , ସେହି ଦୁଃଖୀଜନତାର ସେବା କରି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଲକ୍ଷ୍ୟରେ ସାରା ଉପାନ୍ତ ଅଞ୍ଚଳକୁ ପାଦରେ ବୁଲିବୁଲି ଏହା କର୍ମତତ୍ପରତା ଭିତରେ ମୋତେ ବହୁମୂତ୍ର ରୋଗ ଆକ୍ରାନ୍ତ କଲା । ଶେଷରେ ଅଖିଆ ଅପିଆ ହୋଇ ମଇ ଛଅ ତାରିଖ ୧୯୩୭ ମସିହାରେ ଏ ଦେହ ରଖିଲି । ମୋର ଦେହାବସାନ ପରେ ଆଚାର୍ଯ୍ୟ ହରିହର ଓ ନୀଳକଣ୍ଠ ଖାଲି କାନ୍ଦୁଥିଲେ । ମୋ ପୂର୍ବରୁ ଗୋପବନ୍ଧୁ ବାବୁ ଚାଲିଯାଇଥିଲେ । ଆମେ ଦୁଇଜଣ ସଖା ସଅଳ ପଳେଇଗଲୁ । ଏହା ତ ବିଧିର ବିଧାନ ! ନୀଳଭାଇନା(ନୀଳକଣ୍ଠ ଦାସ) କହିହେଉଥିବାର ମୁଁ ଅଦୃଶ୍ୟରେ ଶୁଣି ହେଉଥିଲି ଯେ 'ଉତ୍କଳ ଆକାଶରୁ ଦୁଇଜଣ ତାରା ଲିଭିଗଲେ ।' ସେ ଯାହା ହେଉନା କାହିଁକି, ମୋତେ ଭଲପାଉଥିବା ମଣିଷମାନେ ବହୁ ଯୁକ୍ତି ଉପସ୍ଥାପନ କରି ସମାଧିପୀଠରେ ମୋର ସ୍ମାରକୀ ନିର୍ମାଣ ସଂପୂର୍ଣ୍ଣ କରିଦେଲେ ଭଲକଥା । ଆମେ ସାଥୀଗଣ ଏକାଠି ରହିଲୁ । କିନ୍ତୁ ବକୁଳବନ ହେଉଛି ମୋର ପ୍ରାଣ ! ମୋର ଜୀବନ ! ତା ପାଇଁ ମୋର ଜାତୀୟ ପ୍ରଚାର ଓ ପ୍ରସାର କରୁଥିଲି । ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ଓ ଲକ୍ଷ୍ୟକୁ ଜାତି ନିକଟରେ ଥୋଇ ପ୍ରମାଣ କରାଉଥିଲି । ଏ ଶିକ୍ଷକମାନଙ୍କୁ ଉଚିତ୍ ପରାମର୍ଶ ଦେଇ କହୁଥିଲି ଆମକୁ ସତ୍ୟନିଷ୍ଠ ହେବାକୁ ହେବ, ନଚେତ୍ ଜାତି ଆମକୁ ମାନିବ ନାହିଁ ଏପରି ଅନେକ କଥା ....! ମୋର କାନ ଏବେ କଥାଟିଏ ଶୁଣିଲା ଯେ ସୁଆଣ୍ଡୋର ପ୍ରତିଜ୍ଞାପୀଠରେ ଓ ବକୁଳବନରେ ମୋର ମୂର୍ତ୍ତି ଟିଏ ନାହିଁ କି ମୋ ସଂପର୍କରେ ଆଲୋଚନା ହେଉନାହିଁ ! ଏକଥା ଶୁଣିଲେ ମନ ମୋର ଅଥୟ ଓ ଅସ୍ଥିର ହୋଇପଡୁଛି ! ହୃଦୟ ଫାଟି ପଡୁଛି ! ଆଖିରେ ଆଉ ଲୁହ ରହୁନାହିଁ ! କାହାକୁ କହିବି ଏ କଥା ? ମୋର ସାଥୀମାନେ ତ ମରିହଜି ଗଲେଣି । ସେମାନେ ଥିଲେ କଣ ମୁଁ ଏପରି ଦୟନୀୟ ଅବସ୍ଥାରେ ପଡ଼ିଥାଆନ୍ତି । ଆମେ ଚାରିଜଣଥିଲୁ




ପଣ୍ଡିତ ବିଜୟକୁମାର ଛାଟୋଇ

ଗୋଟିଏ ଆତ୍ମା ! ମୁଁ ଥିଲି ଗୋପବନ୍ଧୁଙ୍କର ପ୍ରାଣର ପ୍ରାଣ ! ହରି ଭାଇନା ଓ ନୀଳ ଭାଇନା ମୋତେ ଅନୁସରଣ କରନ୍ତି । ମୁଁ ତ ଓଡ଼ିଶାସାରା ଖାଲିପାଦରେ ବୁଲେ । ମୋର ଉପାନ୍ତ ଅଞ୍ଚଳରେ ବେଶି କାମ । ସେଠାରେ ପ୍ରତି ଓଡ଼ିଆ କିପରି ଓଡ଼ିଶାରେ ମିଶି ରହିବେ ? ଏହା ମୋର ଲକ୍ଷ୍ୟ । ସିଂହଭୂମିରେ ସମ୍ମିଳନୀ ପତ୍ରିକା ପ୍ରକାଶ ଏବଂ ପ୍ରି ଗ୍ରାମେ ଗ୍ରାମେ ଓଡ଼ିଆ ବିଦ୍ୟାଳୟ ସ୍ଥାପନ କରିବା ମୋର ଥିଲା ଦୈନିକ କାର୍ଯ୍ୟ । କେତେକ ଅଞ୍ଚଳ ଓଡ଼ିଶାରେ ନ ମିଶିବାରୁ ମୋର ଦେହ ଖରାପ ହୋଇଗଲା । ମୋର ଗାଁରେ ଘର ନ ଥିଲା ସବୁ ବନ୍ଧା ଦେଇ ଜାତୀୟ କାର୍ଯ୍ୟରେ ଲଗାଇଦେଲି । ରହିବାକୁ ବାସ ବି ମୋର ନ ଥିଲା । ବନ୍ଧକଙ୍କ ଦୟାରେ ବନ୍ଧାପଡ଼ିଥିବା ଘରଟିରେ ମୋର ପ୍ରାଣବାୟୁ କେଉଁଆଡ଼େ ଉଡ଼ିଗଲା । ମୋର ଘରବାଡ଼ି ବନ୍ଧକ ଅର୍ଥରେ ସିଂହଭୂମିରେ ସ୍କୁଲ୍ ବସାଇବା ଏବଂ ଓଡ଼ିଆ ଖବରକାଗଜ ଚଳାଇବାରେ ବ୍ୟସ୍ତ ରହିଥିଲି । ଦେଶର ରାଜା ଓ ଜମିଦାର ଙ୍କ ଠାରୁ ଅର୍ଥ ଆଣି ସତ୍ୟବାଦୀ ବନବିଦ୍ୟାଳୟର କାର୍ଯ୍ୟରେ ଲଗାଇଲି, ଛାତ୍ର ସଂଗ୍ରହ କରିବାଠାରୁ ସମ୍ମିଳନୀ ଯାଏଁ ଲୋକଙ୍କୁ ଏକଜୁଟ କରିବାରେ ବେଳତକ ସବୁ ସାରିଦେଲି । ଦୁଃଖୀ ଦରିଦ୍ରଙ୍କ ମନର କଥା ବୁଝିବାକୁ ବହୁ ଦୂରଦୂରାନ୍ତ ଯିବାକୁ ପଡୁଥିଲା । ହେଲେ କଣ ହେବ ଆଜି ସେସବୁ ମନେପଡ଼ିଲେ ଆଖିକୁ ଲୁହ ଆସିଯାଉଛି । ହେ ଉତ୍କଳୀୟ ! ଏହି ବିରାଟ ଭୁଖଣ୍ଡରେ ମୋ ପାଇଁ କଣ ସ୍ଥାନର ଅଭାବ ହୋଇଗଲା ? ମୋର ସ୍ମୃତି ଓ ମହିମା ଗାନ କରିବାକୁ ତୁମମାନଙ୍କର କଣ୍ଠରୋଧ ହୋଇଗଲା କି ? ହଁ ମୁଁ ନିଜକୁ ଧିକକାର କରୁଛି ! ପ୍ରଚାରକ ଭାବରେ ଅନେକ କାମ କରିଛି ହେଲେ ଆଜି କାନ୍ଦି କାନ୍ଦି ଆଉଥରେ ମୋତେ ପ୍ରଚାର କରି କହିବାକୁ ପଡ଼ିବ ଯେ ମୁଁ ଏ ଓଡ଼ିଆ ଜାତି ପାଇଁ କିଛି ନୁହେଁ କିଛି କରିନାହିଁ ।

*ସମ୍ପାଦକ, ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି ପରିଷଦ, ସତ୍ୟବାଦୀ, ପୁରୀ*
*ଦୂରଭାଷ -୮୫୯୯୮୩୮୫୯୭*

# ବରପାଲି ଗ୍ରାମକୁ ଏମସିଏଲ୍ ଅଧିଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର

ତାଳଚେର : ତାଳଚେର ବ୍ଲକ ପଦ୍ମାବତୀପୁର ପଂଚାୟତ ଅନ୍ତର୍ଗତ ବରପାଲି ଗ୍ରାମକୁ ଏମସିଏଲ୍ ଅଧିଗ୍ରହଣ କରିବା ପାଇଁ ଏକ ଦାବୀପତ୍ର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ପ୍ରଦାନ କରାଯାଇଛି । ଦାବୀପତ୍ରରେ ଉଲ୍ଲେଖ କରାଯାଇଅଛି ଯେ, ଏକ ଛୋଟିଆ ଗ୍ରାମ ବରପାଲିରେ ୮୦ ପରିବାର ବାସ କରୁଅଛନ୍ତି । ତେବେ ଏମସିଏଲ୍ ଭରତପୁର ଓ ଜଗନ୍ନାଥ ଖଣିର ମାତ୍ର ଏକ ଶହ ମିଟର ଦୂରରେ ବରପାଲି ଗ୍ରାମ ଅବସ୍ଥିତ ଥିବାବେଳେ ଖଣି କାର୍ଯ୍ୟ ଯୋଗୁଁ ପ୍ରବଳ ବ୍ଲାଷ୍ଟିଂ ଓ ଧୂଳି ଧୂଆଁ ଜନିତ ବାୟୁ ପ୍ରଦୂଷଣ ହେଉଥିବାରୁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଗ୍ରାମବାସୀ ସେଠାରେ ବାସ କରିବା କଷ୍ଟ ସାଧ ହୋଇପଡିଛି । ଏହା ପୂର୍ବରୁ ଏ ସଂପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଏ ସଂପର୍କରେ କୋଲ୍ ଇଣ୍ଡିଆ, ଏମ୍?.ସି.ଏଲ୍?. କର୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ତେବେ



ସଂପୃକ୍ତ ଗ୍ରାମକୁ ଅଧିଗ୍ରହଣ କରିବାକୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏଣୁ ପୁନର୍ବାର ଦାବୀପତ୍ର ପ୍ରଦାନ କରାଯାଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି । ଆଜିର ଦାବୀପତ୍ର ପ୍ରଦାନ ବେଳେ ଗ୍ରାମ ସଭାପତି ଗୋଲେଖ ପ୍ରଧାନ, ସଂପାଦକ ଗୋପାଳ ବାରିକ, ଦୀପ୍ତିରେଖା ବାରିକ୍?, ଉପଦେଷ୍ଟା ବାସୁଦେବ ସାହୁ, ବିକ୍ରମ ପ୍ରଧାନ, ଅଷ୍ଟଶମ୍ଭୁ ବେହେରା, ସୁନିଲ୍ କୁମାର ଭୁକ୍ତା, ସର୍ତୃକ ଅମାନ୍ତ, ଶ୍ୟାମଘନ ସାହୁ, କପିଳେଶ୍ୱର ସାହୁ, ପ୍ରଶାନ୍ତ ରଥ, ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପରାଜୟକୁ ଗ୍ରହଣ କରିପାରୁନାହାନ୍ତି ପ୍ରାର୍ଥୀ; ହାଇକୋର୍ଟରେ ରୁଜୁ ହେଉଛି ମାମଲା

କଟକ : ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଆସିବାକୁ ୩ ମାସ ବିତିଲାଣି। ହେଲେ ଏବେ ଯାଏଁ ପରାଜୟକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ଅଧିକାଂଶ ପ୍ରାର୍ଥୀ। ଯେଉଁଥିପାଇଁ ଏଥର ହାଇକୋର୍ଟରେ ଦାଖଲ ହୋଇଛି ସର୍ବାଧିକ ମିଥ୍ୟା ସତ୍ୟପାଠ ମାମଲା। କିଏ ଭୁଲ ତଥ୍ୟ ପାଇଁ ତ ଆଉ କିଏ ବିଜୟୀ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଜାତିଗତ ପ୍ରମାଣପତ୍ରକୁ ନେଇ ମାମଲା ଦାୟର କରିଛନ୍ତି। ତଥ୍ୟ ଅନୁଯାୟୀ, ୨୦୧୯ ମସିହା ନିର୍ବାଚନରେ ୧୦ରୁ ୧୫ଟି ମିଥ୍ୟା ସତ୍ୟପାଠ ମାମଲା ଦାଖଲ ହୋଇଥିବା ବେଳେ ଏଥର ଏଯାବତ ୩୦ଟି ମିଥ୍ୟା ସତ୍ୟପାଠ ମାମଲା ଦାଖଲ ହୋଇସାରିଲାଣି ହାଇକୋର୍ଟରେ। ଯେଉଁଥିରୁ ସମ୍ବଲପୁର ସାଂସଦ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ



ବେହେରାଙ୍କ ବିରୋଧରେ ମାମଲା ରହିଛି। ସେହିପରି ରାଉରକେଲା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ଶାରଦା ନାୟକଙ୍କ ବିରୋଧରେ ସର୍ବାଧିକ ୪ଟି ମାମଲା ରୁଜୁ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ନୟାଗଡ଼ ବିଧାୟକ ଅରୁଣ ସାହୁ, ସୋର ବିଧାୟକ ମାଧବ ଧଡ଼ାଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ମାମଲା ହୋଇଛି। ଚର୍ଚ୍ଚା ହେଉଛି, ୨୦୨୪ ନିର୍ବାଚନରେ ଅନେକ ସ୍ଥାନରେ କ୍ଲୋଜ୍ ଫାଇଟ୍ ହୋଇଥିବାରୁ ମାମଲା ସଂଖ୍ୟା ବଢ଼ିଛି। ଚର୍ଚ୍ଚାରେ ଥିବା ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ମାତ୍ର ୩୭ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ଅନନ୍ତନାରାୟଣ ଜେନାଙ୍କଠାରୁ ପରାଜିତ ହୋଇଥିଲେ। ସେ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଭିନ୍ନ ଦଳର ପ୍ରାର୍ଥୀ, କୋର୍ଟଙ୍କ ନିକଟରେ ମାମଲା ଦାୟର କରି ନ୍ୟାୟିକ ବ୍ୟବସ୍ଥା ଉପରେ ଆସ୍ଥା ରଖିଥିବା ବେଳେ ଆଉ କିଛି ଲମ୍ବା ପ୍ରକ୍ରିୟାକୁ ନେଇ ପ୍ରଶ୍ନବାଚୀ ଲଗାଇଛନ୍ତି। ନିୟମ ଅନୁଯାୟୀ ନିର୍ବାଚନୀ ଫଳ ପ୍ରକାଶନର ୪୫ ଦିନ ଭିତରେ ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ମାମଲା ଦାୟର ହୋଇପାରିବ। ତେବେ ଚଳିତ ଥର କାହିଁକି ମିଥ୍ୟା ସତ୍ୟପାଠ ଦାଖଲ ମାମଲା ବଢ଼ିଲା କମ୍ ବ୍ୟବଧାନରେ ହାରିବାକୁ ଗ୍ରହଣ କରିପାରୁନାହାଁନ୍ତି କି ପ୍ରାର୍ଥୀ ନା ପ୍ରାର୍ଥୀଙ୍କ ଭିତରେ ବଢୁଥିବା ସଚେତନତା କାରଣ ୨୦୦୨ ପୂର୍ବରୁ ପ୍ରାର୍ଥୀଙ୍କ ନାମାଙ୍କନ ସହ ସତ୍ୟପାଠ ଦାଖଲ ବ୍ୟବସ୍ଥା ନଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରାର୍ଥୀମାନେ ନିଜର ସମ୍ପତ୍ତି ତାଲିକା ଓ ଅପରାଧୀକ ମାମଲା ଦାଖଲ କରୁଛନ୍ତି। ଯାହାକୁ ଭୋଟରଙ୍କ ଅବଗତି ନିମନ୍ତେ ପବ୍ଲିକ୍ ଡୋମେନରେ ଅପଲୋଡ କରାଯାଉଛି। ଏହା ସୁଯୋଗ ସୃଷ୍ଟି କରୁଛି ମିଥ୍ୟା ସତ୍ୟପାଠ ମାମଲା ଦାଏର ଲାଗି। ଓଡ଼ିଶାରେ ନିର୍ବାଚନୀ ଅନିୟମିତତା ପ୍ରସଙ୍ଗରେ ତିନିଟି ମାମଲା ମୁଖ୍ୟତଃ ଚର୍ଚ୍ଚାକୁ ଆସିଥିଲା। ୨୦୦୯ରେ ଆଠଗଡ଼ ବିଧାୟକ ରମେଶ ରାଉତ, ୨୦୧୪ରେ ସୁନ୍ଦରଗଡ ବିଧାୟକ ଯୋଗେଶ ସିଂଙ୍କୁ ଏଥିପାଇଁ ସଭ୍ୟ ପଦ ହରାଇବାକୁ ପଡ଼ିଥିବା ବେଳେ ଗତ ୨୦୧୯ରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ମଧ୍ୟ ଅଡୁଆରେ ପଡ଼ିଥିଲେ। ଏବେ ଦେଖିବାକୁ ବାକି, ନ୍ୟାୟିକ ବ୍ୟବସ୍ଥାର ଏହି ଲମ୍ବା ପ୍ରକ୍ରିୟାରେ ଆଗକୁ କାହା ମାମଲାରେ କି ରାୟ ଆସୁଛି।

## ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦେଶରେ ସଂଶୋଧନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ: ରାସନ୍ କାର୍ଡଧାରୀଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କ ନାଁରେ ରାସନ ସାମଗ୍ରୀ ଉଠାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ମୃତ ବ୍ୟକ୍ତିଙ୍କ ନାଁରେ ରାସନ ଠକେଇ ରୋକିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ, ୨୦୧୬ରେ ରହିଥିବା ତ୍ରୁଟିର ସୁଯୋଗ ନେଇ ଏପରି ଜାଲିଆତି କରାଯାଉଛି। ତ୍ରୁଟି ସଂ ?ଶୋଧନ ସହ ଦଣ୍ଡ ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି।
ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶରେ ସରକାର ଆବଶ୍ୟକ ସଂଶୋଧନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ରାସନ କାର୍ଡଧାରୀଙ୍କ ଯଦି ମୃତ୍ୟୁ ହୁଏ ତେବେ ଏ ନେଇ ସଂପୃକ୍ତ କାର୍ଡଧାରୀଙ୍କ ପ୍ରତିନିଧି ଏଫ୍‌ପିଏସ୍ ଲାଇସେନ୍ସଧାରୀ (ଫେୟାର୍ ପ୍ରାଇସ୍ ସପ୍ ଲାଇସେନ୍ସି) ବା ସରକାରୀ ଅଧିକାରୀଙ୍କୁ ଅବଗତ କରିବେ। ଏହି ଆଦେଶରେ ଦଣ୍ଡ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ସଂଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରବୀନ୍ଦ୍ର କୁମାର ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଏଥି ସହ ଆବେଦନକାରୀଙ୍କ ପିଡିଏସ୍ ଲାଇସେନ୍ସକୁ ୪ସପ୍ତାହ ମଧ୍ୟରେ ନବୀକରଣ କରିବା ପାଇଁ ଜଗତସିଂହପୁର ଉପ-ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।



ମାମଲାର ବିବରଣୀରୁ ପ୍ରକାଶ ଯେ, ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅଞ୍ଚଳର ଆବେଦନକାରୀଙ୍କ ପିଡିଏସ୍ ଡିଲର ଲାଇସେନ୍ସ ନବୀକରଣ ଆବେଦନକୁ ୨୦୨୨, ଡିସେମ୍ବର ୨୩ରେ ଉପଜିଲ୍ଲାପାଳ ଖାରଜ କରିଥିଲେ। ଏହାପରେ ଆବେଦନକୁ ଜଗତସିଂହପୁର ଜିଲ୍ଲାପାଳ ୨୦୨୩, ଜୁଲାଇ ୨୦ରେ ଖାରଜ କରିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ ?, ୨୦୧୬ର ସର୍ତ୍ତ ୨୯ରେ ଦଣ୍ଡ ବ୍ୟବସ୍ଥା ରହିଛି। କିନ୍ତୁ କାର୍ଡଧାରୀଙ୍କ ମୃତ୍ୟୁ କଥା ଲୁଚାଇ ରାସନ ସାମଗ୍ରୀ ଉଠାଉଥିବା ପରିବାର ସଦସ୍ୟ ବା ପ୍ରତିନିଧିଙ୍କୁ ଦଣ୍ଡିତ କରିବା ପାଇଁ ଏହି ଆଦେଶରେ କିଛି ବ୍ୟବସ୍ଥା ନାହିଁ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଜୟଦୀପ ପାଲ ମାମଲା ପରିଚାଳନା କରୁଥିଲେ।

## ବାଲିଗୁଡାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ




ବାଲିଗୁଡା : କନ୍ଧମାଳ ଜିଲ୍ଲା ବାଲିଗୁଡା ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଶନିବାର ବିଚାର ବିଭାଗୀୟ ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ବିଚାର ବିଭାଗୀୟ ଅଦାଲତରେ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଶୁଭଶ୍ରୀ ତ୍ରିପାଠୀ ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଉଦଘାଟନ କରିବା ସହ ନିଜ ଅଦାଲତ ପରିଚାଳନା କରିଥିଲେ। ଏଡିଜେ ନିଜ ଅଦାଲତରେ ୨ଟି ମାମଲା ଫଇସଲା କରି ମୋଟ ୮ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା । ସେହିପରି ସିଭିଲ ଜଜ ଅର୍ପୁ ରାୟ ହ(ସିନିୟର ଡିଭିଜନ) ର ନିଜ ଅଦାଲତରେ ୧ଟି ମାମଲା, ଏସଡିଜେଏମ ମହମ୍ମଦ ସାହାଫେଜଲ ନିଜ ଅଦାଲତରେ ୧୯ଟି ମାମଲା ବିଚାର କରି ଫଇସଲା କରିଥିଲେ । ଏଥିରେ ବାଲିଗୁଡା ଓକିଲ ସଂଘର ସମସ୍ତ ସଦସ୍ୟ ଏବଂ ଅଦାଲତ କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ ।

# କେଜ୍ରିୱାଲଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ, : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀର ତିହାର ଜେଲରୁ ମିଳିଲା ଜାମିନ। ଜେଲରୁ ବାହାରିବା ପରେ ସେ କହିଛନ୍ତି ଯେ ସେ ସାରାଜୀବନ ଲଢେଇ କରିଆସିଛନ୍ତି, ଆଗକୁ ବି ଲଢେଇ ଜାରି ରହିବ । ନିଜର ସମର୍ଥକମାନଙ୍କୁ ସେ କହିଛନ୍ତି "ତାଙ୍କ ଜେଲର ଚାରି କାନ୍ଥ କେଜ୍ରିୱାଲର ଆତ୍ମବିଶ୍ୱାସକୁ ଦୁର୍ବଳ କରିପାରିବ ନାହିଁ। ଭଗବାନ ମୋତେ ଯେପରି ବାଟ ଦେଖାଇଲେ ସେମିତି କରିବା ଜାରି ରଖନ୍ତୁ। ଦେଶକୁ ଦୁର୍ବଳ କରିବା ପାଇଁ କାମ କରୁଥିବା ଦେଶ ବିରୋଧୀ ଶକ୍ତି... ସାରା ଜୀବନ ମୁଁ ସେମାନଙ୍କ ବିରୋଧରେ ଲଢ଼େଇ କରିଆସୁଛି ଏବଂ ଜାରି ରଖିବି। ଏହାପୂର୍ବରୁ ଅବକାରୀ ନୀତି ମାମଲାରେ କେଜ୍ରିୱାଲଙ୍କୁ ଜାମିନ ପ୍ରଦାନ କରି ସୁପ୍ରିମ୍ କୋର୍ଟ କହିଛନ୍ତି ଯେ କେଜ୍ରିୱାଲଙ୍କୁ ଦୀର୍ଘ ଦିନ ଧରି ଜେଲରେ ରଖିବା ଅନ୍ୟାୟ



ସ୍ୱାଧୀନତା ବଞ୍ଚିତ କରିବା ସମାନ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିବା ପରେ ଦିଲ୍ଲୀର ଏକ ଅଦାଲତ ଏହି ରିଲିଜ୍ ଆଦେଶ ଜାରି କରିଛନ୍ତି। ଏହାର କିଛି ସମୟ ପରେ କେଜ୍ରିୱାଲ ଜେଲରୁ ମୁକୁଳିଥିଲେ। ଚଳିତ ବର୍ଷ ମାର୍ଚ୍ଚ ୨୧ରେ ଗିରଫ ହେବା ପରେ କୋର୍ଟ ମେ ୧୦ରେ ନିର୍ବାଚନ ପ୍ରଚାର ପାଇଁ ଜାମିନ ମଞ୍ଜୁର କରିବା ସହ ଜୁନ୍ ୨ରେ ଆତ୍ମସମର୍ପଣ କରିବାକୁ କହିଥିଲେ। ଜୁନ୍ ୨ ରେ କେଜ୍ରିୱାଲ ଆତ୍ମସମର୍ପଣ କରିଥିଲେ, ସେବେଠାରୁ ସେ ଜେଲରେ ଥିଲେ।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର